ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 11 ♦ CUTTACK ♦ WEEKLY ♦ 16 TO 22 - MARCH 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୧୧ ♦ କଟକ ♦ ସାପ୍ତାହିକ ♦ ୧୬ ରୁ ୨୨ -ମାର୍ଚ୍ଚ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

**ତୃତୀୟ ସପ୍ତାହରେ ପ୍ରବେଶ କରିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ**

# ଖାର୍ଗ ହମଲା ପରେ ରକ୍ତମୁଖା ଇରାନ

## ଦୁବାଇରେ ବିସ୍ଫୋରଣ, ଆମେରିକା ଦୂତାବାସରେ ମିସାଇଲ ମାଡ଼



■ ଯୁଦ୍ଧ ଭିତରେ ୪୦ ପ୍ରତିଶତ ବଢ଼ିଲାଣି ଅଶୋଧିତ ତୈଳ ମୂଲ୍ୟ
■ ଯେମିତି ହେଉ ହୋର୍ମୁଜ କୋଲିବୁ : ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ (ଏଜେନ୍ସି) ଇରାନର ଆର୍ଥିକ ମେରୁଦଣ୍ଡ ଭାବେ ପରିଚିତ ଖାର୍ଗ ଦ୍ୱୀପରେ ଆମେରିକା ବୋମା ମାଡ଼ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବା ପରେ ରକ୍ତମୁଖା ହୋଇ ଉଠିଛି ତେହରାନ । ଆଜି ଇରାନ ପକ୍ଷରୁ ଗଲ୍ଫ ଦେଶରେ ଥିବା ଆମେରିକାର ବେସ୍ ଓ ପ୍ରତିଷ୍ଠାନ ଉପରେ ଆକ୍ରମଣକୁ ଜୋରଦାର କରାଯାଇଛି । ରାତର ଘନଘନ ଆକ୍ରମଣ ଯୋଗୁ ଦୁବାଇରେ ଏକାଧିକ ବିସ୍ଫୋରଣ ହୋଇଛି । ସେହିପରି ଇରାକରେ ଥିବା ଆମେରିକା ଦୂତାବାସରେ ମିସାଇଲ ମାଡ଼ ହୋଇଛି । ଏଥିସହ ଆଉ କିଛି ସ୍ଥାନରେ ଥିବା ଆମେରିକୀୟ ଏୟାରବେସ୍ ଓ ଅନ୍ୟ ପ୍ରତିଷ୍ଠାନକୁ ମଧ୍ୟ ଇରାନ ଟାର୍ଗେଟ କରିଥିବା ଜଣାପଡ଼ିଛି ।

ଦୁବାଇର ଆର୍ଥିକ ପେଣ୍ଠସ୍ଥଳରେ ଥିବା ଗୋଟିଏ ବିଲଡିଂ ଇରାନ ହମଲାରେ କ୍ଷତିଗ୍ରସ୍ତ ହୋଇଛି । ଗତ ୨୪ ଘଣ୍ଟାରେ ଦୁବାଇରେ ଏହା ଦ୍ୱିତୀୟ ଆକ୍ରମଣ । ସ୍ଥାନୀୟ ଅଧିକାରୀଙ୍କ କହିବା କଥା ଯେ କେନ୍ଦ୍ରୀୟ ଦୁବାଇକୁ କେନ୍ଦ୍ର କରି ମାଡ଼ କରାଯାଇଥିବା ମିସାଇଲ ଓ ଡ୍ରୋନକୁ ଆକାଶ ପଥରେ ଚିହ୍ନଟ କରି ଧ୍ୱଂସ କରାଯାଇଛି । ଏହାର ଧ୍ୱଂସାବଶେଷ ଗୋଟିଏ ବିଲଡିଂ ଉପରେ ପଡ଼ିବାରୁ ଏହା କ୍ଷତିଗ୍ରସ୍ତ ହୋଇଛି । କିନ୍ତୁ ଏଥିରେ କୌଣସି ସ୍ଥାନରେ ନିଆଁ ଲାଗିନାହିଁ କିମ୍ବା କେହି ବି ଆହତ ହୋଇନାହାନ୍ତି । ଅଧିକାରୀମାନେ ପୂରା ଆଲର୍ଟରେ ରହିଥିବା ଦୁବାଇ ପ୍ରଶାସନ କହିଛି ।

ଶୁକ୍ରବାର ମଧ୍ୟ ଇରାନ ଡ୍ରୋନର ଧ୍ୱଂସାବଶେଷ କେନ୍ଦ୍ରୀୟ ଦୁବାଇର ଗୋଟିଏ ବିଲଡିଂରେ ମାଡ଼ ହୋଇଥିଲା । ଏଥିଯୋଗୁ ଦୁବାଇ ଅନ୍ତର୍ଜାତୀୟ ଆର୍ଥିକ କେନ୍ଦ୍ରରେ ଥିବା ଗୋଟିଏ ବିଲଡିଂର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା । ଲୋକମାନେ ମଧ୍ୟ ବଡ଼ଧରଣର ଏକାଧିକ ବିସ୍ଫୋରଣ ଶୁଣି ଆତଙ୍କିତଦ ହୋଇପଡ଼ିଥିବା କହିଛନ୍ତି । ଅନ୍ୟପକ୍ଷରେ ଇରାକର ବାଗଦାଦରେ ଥିବା ଆମେରିକା ଦୂତାବାସକୁ ମଧ୍ୟ ଇରାନ ଟାର୍ଗେଟ କରିଛି । ଇରାନ ପକ୍ଷରୁ ମିସାଇଲ ଓ ଡ୍ରୋନ ମାଡ଼ କରାଯିବାରୁ ଇରାକ ସ୍ଥିତ ଆମେରିକା ଦୂତାବାସ କ୍ଷତିଗ୍ରସ୍ତ ହୋଇଛି । ଦୂତାବାସ ବିଲଡିଂରେ ଆକ୍ରମଣ ଯୋଗୁ ନିଆଁ ଲାଗି ଯାଇଥିବା ବେଳେ ଏଥିରୁ ଧୂଆଁ ବାହାରୁଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ଇରାନ ସମର୍ଥିତ ଶକ୍ତିଶାଳୀ କାତୈବ ହେଜବୋଲ୍ଲାର ଠିକଣା ଉପରେ ଦୁଇଟି ଆକ୍ରମଣ ପରେ ଆମେରିକା ଦୂତାବାସକୁ ଟାର୍ଗେଟ କରାଯାଇଥିଲା । କାତୈବ ହେଜବୋଲ୍ଲାର ଠିକଣା ଉପରେ ହୋଇଥିବା ହମଲାରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ରାତି ପ୍ରାୟ ୨.୧୫ରେ କାତୈବ ହେଜବୋଲ୍ଲାର ଠିକଣା ଉପରେ ମିସାଇଲ ମାଡ଼ ହୋଇଥିଲା । ଏହାର କିଛି ଘଣ୍ଟା ପରେ ମିସାଇଲ ଓ ଡ୍ରୋନ ଦ୍ୱାରା ବାଗଦାଦ ସ୍ଥିତି ଆମେରିକା ଦୂତାବାସ ଉପରେ ଆକ୍ରମଣ କରାଯାଇଥିଲା । ଆକ୍ରମଣ ଯୋଗୁ ଦୂତାବାସ ପରିସରରେ ଥିବା ହେଲିପ୍ୟାଡ ନଷ୍ଟ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି ।

ଠିକ୍ ସେହିପରି ଅନ୍ତରାଷ୍ଟ୍ରୀୟ ବଜାରରେ ଗତ ୧୫ ଦିନ ଭିତରେ ଅଶୋଧିତ ତୈଳ ମୂଲ୍ୟ ୪୦

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଏଲପିଜି ନେଇ ଫେରିଲା ଭାରତୀୟ ଜାହାଜ 'ଶିବାଲିକ୍' ଓ 'ନନ୍ଦା ଦେବୀ'



ନୂଆଦିଲ୍ଲୀ (ଏଜେନ୍ସି) : ଦେଶରେ ଗ୍ୟାସ୍ ଅଭାବକୁ ନେଇ ଗୁଜବ ଭିତରେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ଆସିଛି ଆଶ୍ୱସ୍ତିଜନକ ଖବର । ସରକାର ସ୍ପଷ୍ଟ କରିଛନ୍ତି ଯେ,ଦେଶରେ ପେଟ୍ରୋଲ,ଡିଜେଲ ଓ ରୋଷେଇ ଗ୍ୟାସ୍ ପର୍ଯ୍ୟାପ୍ତ ପରିମାଣରେ ଷ୍ଟକ୍ ରହିଛି,ଭୟଭୀତ ହେବା ଦରକାର ନାହିଁ । ଏହି ସମୟରେ, ସବୁଠାରୁ ବଡ଼ କଥା ହେଉଛି ଏଲପିଜି ନେଇ ଆସୁଥିବା ଦୁଇଟି ଭାରତୀୟ ଜାହାଜ ସୁରକ୍ଷିତ ଭାବରେ ଭାରତ ଅଭିମୁଖେ ଯାତ୍ରା କରୁଛନ୍ତି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କେ. ସିହ୍ନା କହିଛନ୍ତି ଯେ ପାରସ୍ୟ ଉପସାଗରରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ଦୁଇଟି ଭାରତୀୟ ଜାହାଜ, 'ଶିବାଲିକ୍' ଏବଂ 'ନନ୍ଦା ଦେବୀ', ଏଲପିଜିର ବଡ଼ କଣ୍ଟେନର ନେଇ ଭାରତ ଅଭିମୁଖେ ଆସୁଛନ୍ତି । ଏହି ଜାହାଜଗୁଡ଼ିକ ମାର୍ଚ୍ଚ ୧୫୬-୧୭ ସୁଦ୍ଧା ମୁନ୍ଦ୍ରା ଏବଂ କାଣ୍ଡଲା ବନ୍ଦରରେ ପହଞ୍ଚିବ । ବନ୍ଦରଗୁଡ଼ିକୁ ଗ୍ୟାସ ବହନ କରୁଥିବା ଜାହାଜଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି ଏବଂ ସରକାର ଇରାନ ଏବଂ ଆମେରିକା ଭଳି ଦେଶ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ।

ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି, କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରଣାଳୟ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଏକାଠି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଅଧିକ ଗ୍ୟାସ୍ ରଖିଲେ ୭ ବର୍ଷ ଜେଲ୍ ଦଣ୍ଡ



ନୂଆଦିଲ୍ଲୀ(ଏଜେନ୍ସି) :ସାରା ଦେଶରେ ବର୍ତ୍ତମାନ ଏଲ୍ପିଜି ଗ୍ୟାସ୍ ସଙ୍କଟ ଦେଖାଦେଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଗ୍ୟାସ୍ ଆସିପାରୁନଥିବାରୁ ତୈଳ କମ୍ପାନିଗୁଡ଼ିକ କିଭଳି ପରିବାରଗୁଡ଼ିକର ଏଲ୍ପିଜି ଆବଶ୍ୟକତା ପୂରଣ କରିବେ ସେଥିପାଇଁ ବିଭିନ୍ନ ରଣନୀତି ନେଇ କାମ କରୁଛନ୍ତି । ଏଥି ସହିତ କଳାବଜାର ଓ ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଛନ୍ତି । ଦେଶରେ ପ୍ରଚଳିତ ଆଇନ ଅନୁସାରେ ଗୋଟିଏ ପରିବାରରେ ଅତିବେଶିରେ ଦୁଇଟି ଗ୍ୟାସ୍ ସିଲିଣ୍ଡର ରହିପାରିବ । ଗୋଟିଏ ସିଲିଣ୍ଡର ଗ୍ୟାସ୍ ଷ୍ଟୋଭ୍ରେ ଲାଗିଥିବ ଓ ଅନ୍ୟଟି ଜରୁରୀକାଳୀନ ଆବଶ୍ୟକତା ପାଇଁ ରଖାଯାଇଥିବ । ତା'ଠାରୁ ଅଧିକ ସିଲିଣ୍ଡର ରଖିବାର ଅନୁମତି ନାହିଁ । ଯେହେତୁ ଏଲ୍ପିଜି ଏକ ଅତି ଦହନଶୀଳ ପଦାର୍ଥ, ତେଣୁ ତାହାକୁ ନେଇ କଠୋର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଇନଗତ ଅନୁମତି ବାହାରେ ଅଧିକ ଗ୍ୟାସ୍ ରଖିଲେ ତାହାକୁ ମହଜୁଦ କିମ୍ବା କଳାବଜାର ଭାବେ ବିଚାର କରାଯିବ । ସେଭଳି ମାମଲାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଗ୍ୟାସ୍ ମହଜୁଦକାରୀଙ୍କୁ ଜରିମାନା ଓ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ । ମାମଲାର ଗମ୍ଭୀରତା ଅନୁସାରେ ଦଣ୍ଡ ଦିଆଯିବ । ପେଟ୍ରୋଲିୟମ୍ ଆଣ୍ଡ୍ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେସନ୍ ଦ୍ୱାରା ଜାରି କରାଯାଇଥିବା ଗ୍ୟାସ୍ ସିଲିଣ୍ଡର ନିୟମ ୨୦୧୬ ଅନୁସାରେ ଘରେ ଅଧିକ ସିଲିଣ୍ଡର ରଖିହେବ ନାହିଁ । କେବଳ ଲାଇସେନ୍ସ ଓ ଅନୁମତିପ୍ରାପ୍ତ ସଂସ୍ଥାଗୁଡ଼ିକ ନିଜ ପାଖରେ ଅଧିକ ସିଲିଣ୍ଡର ରଖିପାରିବେ ।

ଏଲ୍ପିଜି ଅଭାବକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ୧୯୫୫ ଲାଗୁ କରିଛନ୍ତି । ଏଥିରେ ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା, ଜେଲ କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । ଏହି ଆଇନର ଧାରା ୭ ଅଧୀନରେ ମହଜୁଦକାରୀଙ୍କୁ ସର୍ବନିମ୍ନ ତିନି ମାସ ଓ ସର୍ବାଧିକ ୭ ବର୍ଷ ଜେଲ୍ ଦଣ୍ଡ ଓ ଜରିମାନା ଲଗାଇବା ବ୍ୟବସ୍ଥା ରହିଛି । ଆଇନର ଧାରା ୬ଏ ଅଧୀନରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଉଦ୍‌ବେଗ ପ୍ରକାଶ କଲେ ଏନଏଚଆରସି ; ନିଖୋଜ ବ୍ୟକ୍ତି ନେଇ ୫ ରାଜ୍ୟକୁ ନୋଟିସ୍

ନୂଆଦିଲ୍ଲୀ(ଏଜେନ୍ସି) : ଜାତୀୟ ମାନବାଧିକାର କମିସନ (ଏନଏଚଆରସି), ଏକ ଗଣମାଧ୍ୟମ ରିପୋର୍ଟକୁ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରି ଏଥିରେ ଦର୍ଶାଯାଇଛି ଯେ, ବିହାରରେ ୨୦୧୩ ମସିହାରୁ ପ୍ରତିବର୍ଷ ପଞ୍ଜିକୃତ ହେଉଥିବା ୧୨,୦୦୦ ରୁ ୧୪,୦୦୦ ନିଖୋଜ ମାମଲା ମଧ୍ୟରୁ ଅନେକ ଶିଶୁ ଅଛନ୍ତି । ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ରିପୋର୍ଟ ଅନୁଯାୟୀ, ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ସୂଚାଉଛି ଯେ ଓଡ଼ିଶା, ବିହାର, ତେଲେଙ୍ଗାନା ଏବଂ ମହାରାଷ୍ଟ୍ରରେ ସର୍ବାଧିକ ମାନବ ଚାଲାଣ ମାମଲା ପଞ୍ଜିକୃତ ହୋଇଛି । ନାବାଳକ ପୁଅ ଚାଲାଣ କ୍ଷେତ୍ରରେ ଓଡ଼ିଶା ତାଲିକାର ଶୀର୍ଷରେ ଥିବାବେଳେ ଏହା ପଛକୁ ବିହାର ରହିଛି । ସେହିପରି ନାବାଳିକା ଝିଅ ଚାଲାଣ କ୍ଷେତ୍ରରେ ରାଜସ୍ଥାନରେ ସର୍ବାଧିକ ମାମଲା ପଞ୍ଜିକୃତ ହୋଇଛି । ୯ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଶିଶୁମାନଙ୍କୁ ଭିକ୍ଷାବୃତ୍ତି, ଶିଶୁ ଶ୍ରମିକ, ବେଶ୍ୟାବୃତ୍ତି ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସନ୍ଦେହ କରାଯାଉଛି । କମିସନ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ଯଦି ସମ୍ପୃକ୍ତ ସମ୍ବାଦର ବିଷୟବସ୍ତୁ ସତ୍ୟ ହୁଏ, ତେବେ ଏହା ପୀଡ଼ିତମାନଙ୍କ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି । ରାଜ୍ୟଗୁଡିକ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ସେମାନଙ୍କ ମଧ୍ୟରୁ ମାତ୍ର କିଛି ଲୋକଙ୍କୁ ଠାବ କରାଯାଉଛି ବୋଲି ପ୍ରକାଶିତ ଚିନ୍ତାଜନକ ବିଷୟକୁ ମଧ୍ୟ କମିସନ ଗ୍ରହଣ କରିଛନ୍ତି । ତେଣୁ, ବିହାର, ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ରାଜସ୍ଥାନର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ବିସ୍ତୃତ ରିପୋର୍ଟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଜମିରୁ ଜଙ୍ଗଲ ସବୁଠି ନିଆଁ



ଭୁବନେଶ୍ୱର(ଏନ୍.ଏମ୍.) : ଜମିରୁ ନିଆଁ ବ୍ୟାପି ଏବେ ଜଙ୍ଗଲ ଓ ଗାଁ ମୁହାଁ ହୋଇଛି । ଅଳ୍ପକେ ବର୍ତ୍ତିଲା ଆଡେଣିଗଡ଼ ଓ ଖରଭୂଇଁ ଗାଁ । ବନ ବିଭାଗର ସଚେତନତା ଅଭାବରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ସୂଚନାମୁତାବକ ବୌଦ୍ଧ ଜିଲ୍ଲାରେ ନିଆଁର ଆତଙ୍କ । ଜମିରେ ଲାଗିଥିବା ନିଆଁ ଏବେ ଜନବସତି ଓ ସବୁଜ ଜଙ୍ଗଲ ପାଇଁ ସାଜିଛି ବିପଦ ।

ଠିକ୍ ସେହିପରି ରାଜ୍ୟରେ ଏବେ ଅଧିକାଂଶ ଜଙ୍ଗଲ ଜଳୁଛି । କେତେକ ଜଙ୍ଗଲରେ ନିଆଁକୁ ଆୟତ୍ତ କରାଯାଇ ପାରିଛି । ଏବେ ବି ରାଜ୍ୟର କିଛି ଜଙ୍ଗଲ ହୁ ହୁ ହୋଇ ଜଳୁଛି । ସେହିପରି ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ ଚଳିତବର୍ଷ ୨ଟି ସ୍ଥାନରେ ନିଆଁ ଲାଗିଥିଲା । ହେଲେ ସଜାଗ ଥିବା ବନ କର୍ମଚାରୀମାନେ ନିଆଁକୁ ସଙ୍ଗେ ସଙ୍ଗେ ଲିଭାଇବାରେ ସଫଳ ହୋଇଛନ୍ତି । ଗତବର୍ଷ ଏପ୍ରିଲ ୨୨ରେ ଏହି ଜଙ୍ଗଲର ୨ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଭୋଳା ଗାଁ ମୁଣ୍ଡରେ ନିଆଁ ଅଣାୟତ୍ତ ହୋଇ ପଡ଼ିଥିଲା । ଏହି ଅଞ୍ଚଳରେ ପ୍ରାୟ ୨ ଏକର ପରିମିତ ଜଙ୍ଗଲ ଜଳି ଯାଇଥିଲା । ଏଥିରେ କେତେକ ଜଙ୍ଗଲୀ ଜନ୍ତୁ ଓ ପକ୍ଷୀ ମୃତାହତ ହୋଇଥିଲେ । ଚଳିତବର୍ଷ ଜଙ୍ଗଲ ନିଆଁକୁ ଜଗିବା ପାଇଁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ବିରୂପାରେ ଭାସୁଥିଲା ଦୁଇ ଭାଇଙ୍କ ମୃତଦେହ



ଚୌଦ୍ୱାର(ଏନ୍.ଏମ୍.) : ନିଖୋଜର ତିନିଦିନ ପରେ ଦୁଇ ଭାଇଙ୍କ ମୃତ ଦେହ ବିରୂପା ନଦୀରୁ ଉଦ୍ଧାର । ମୃତ ଦୁଇଭାଇ ହେଲେ ଚୌଦ୍ୱାର ମଣ୍ଡାପଡା ଅଞ୍ଚଳରେ ଗତ ବର୍ଷକ ତଳେ ରହୁଥିବା ଦେବାଶିଷ ସାହୁ ଓ ଅନ୍ୟ ଜଣେ ହେଲେ ଶୁଭାଶିଷ ସାହୁ । ଅଗ୍ନିଶ୍ରମ ସହାୟତାରେ ଚୌଦ୍ୱାର ପୋଲିସ ଶବ ଦୁଇଟିକୁ ଜବତ୍ କରି କଟକ ବଡ ଡାକ୍ତରଖାନାକୁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛି । ଆଜି ସକାଳେ ବିରୂପା ନଦୀରେ ଦୁଇଟି ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଚୌଦ୍ୱାର ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହିତ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି । ମୃତକଙ୍କ ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ ଗତ ୯ ତାରିଖରେ ବିରୂପା ବ୍ୟାରେଜ୍ ଉପରେ ଗୋଟେ ବାଇକ୍ ଓ ହେଲମେଟ ଥିବା ପୋଲିସ ଖବର ପାଇ ଜବତ୍ କରି ଥାନାକୁ ନେଇଥିଲା । ଅପରପକ୍ଷେ ଏହି ଦୁଇ ଭାଇଙ୍କ ବାଇକ୍ ବୋଲି ସମ୍ପର୍କୀୟ ମାନେ ଜାଣିବା ସହିତ ଦୁଇଭାଇଙ୍କ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଗୁରୁବାର ସକାଳୁ ସେମାନଙ୍କ ମୃତଦେହ ଉଦ୍ଧାର ପରେ ସମ୍ପର୍କୀୟ ମାନେ ପହଞ୍ଚି ଉଦ୍ଧାର ହୋଇଥିବା ଶବ ଦୁଇଟି ଏହି ଦୁଇ ଭାଇଙ୍କର ବୋଲି ସ୍ପଷ୍ଟ କରିଥିଲେ । ଏହି ଦୁଇ ଭାଇଙ୍କ ମୂଳ ଘର କଟକ ପେଟିନ ସାହିର ହୋଇଥିବା ବେଳେ ସେମାନେ ସେ ଘର ବିକ୍ରି କରି ଚୌଦ୍ୱାର ମଣ୍ଡାପଡାରେ ଜାଗା କିଣି ଘର କରି ରହିଥିଲେ । ବର୍ଷକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

**ରାଜ୍ୟସଭା ନିର୍ବାଚନ**

## ଦଳର ହ୍ୱିପ୍ ଏମାନଙ୍କୁ ରୋକିପାରିବତ ?





କଟକ(ଏନ୍.ଏମ୍.) : ରାଜ୍ୟସଭା ନିର୍ବାଚନକୁ ନେଇ ସବୁଠି ଚାଲିଛି ଚର୍ଚ୍ଚା । ନିଜ ପାର୍ଥୀଙ୍କୁ ଜିତାଇବା ଲାଗି ସବୁ ଦଳ ଲାଗି ପଡିଛନ୍ତି । ହେଲେ ସବୁଠୁ ବେଶୀ ଚାପରେ ରହିଛି ବିଜେଡି ଓ କଂଗ୍ରେସ ଦଳ । ରାଜ୍ୟର କୋଟି କୋଟି ଲୋକଙ୍କୁ ଭୂଆଁ ବୁଲାଉଥିବା ଏହି ଦଳ ବର୍ତ୍ତମାନ ନିଜର ହାତଗଣତି କେତୋଟି ବିଧାୟକଙ୍କୁ ନିଜର ଆୟତ ଭିତରେ ରଖିପାରୁନାହିଁ । ଏପଟେ ହ୍ୱିପ ଜାରି କରୁଛି, ସେପଟେ ସେମାନଙ୍କୁ ନେଇ କେଉଁ ଗୋପନ ଜାଗାରେ ରଖିଲାଣି । ଏଥିରୁ ସ୍ପଷ୍ଟ ପ୍ରମାଣ କରୁଛିଯେ, ମୁଖିଆ ନିଜ ଉପରେ ଆଉ ନିଜ ବିଧାୟକଙ୍କ ଉପରେ ଆଉ ଭରଷା ଜୁଟାଇ ପାରୁନାହାଁନ୍ତି । ୧୬ତାରିଖରେ ରାଜ୍ୟସଭା ଭୋଟ । ଦଳ ପକ୍ଷରୁ ଜାରି କରାଯାଇଥିବା ହ୍ୱିପ୍ ଏମାନଙ୍କୁ କେତେଦୁର ରୋକିପାରିବ, ତାହା ସମୟ ହିଁ କହିବ । ବାରବାଟୀ-କଟକ ହେଉକି, ଚୌଦ୍ୱାର-କଟକ, ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ବାପା ଇଂ. ମହମ୍ମଦ ମୋକିମ ଏବଂ ବିଧାୟକ ସୌଭିକ ବିଶ୍ୱାଳଙ୍କ ବାପା ପ୍ରଭାତ ବିଶ୍ୱାଳଙ୍କୁ ଏବେ ଦଳ ବହିଷ୍କାର କରିସାରିଛି । ଦଳର ସ୍ୱାର୍ଥ ହାନି ହେବାରୁ ଦଳ ଏମାନଙ୍କୁ ବହିଷ୍କାର କରିଛି ସତ, କିନ୍ତୁ ଏମାନଙ୍କର ଆଜିବି ନିଜ ନିର୍ବାଚନ ମଣ୍ଡଳୀରେ ବେଶ ଦବଦବା ରହିଛି । ଯେତେବେଳେ କଂଗ୍ରେସ ଦଳ ନିଜର କୌଣସି ପାର୍ଥୀଙ୍କୁ ଜିତାଇ ରାଜ୍ୟସଭାକୁ ପଠାଇବାର ଦମ ନାହିଁ, ଖାଲି ଶୁଖିଲାଟାରେ କଂଗ୍ରେସ ମୁଖିଆ ଭକ୍ତ ଦାସ ନିଜକୁ ହିରୋ କରିବା ପାଇଁ ନବୀନ ବାବୁଙ୍କ ସଙ୍ଗେ ହାତ ମିଳାଇ କମନ କ୍ୟାଣ୍ଡିଡେଟ୍ ପାର୍ଥୀ ଶବ୍ଦର ଉଦଭାବନ କରି ନିଜ ଦଳର ବିଧାୟକଙ୍କୁ ଭୋଟ ଦେବା ପାଇଁ ହ୍ୱିପ ଜାରି କରିଛନ୍ତି । ଦେଖିବାକୁ ଗଲେ ବହୁ ପୂର୍ବରୁ ସୋଫିଆଙ୍କୁ ଦଳ ପକ୍ଷରୁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ । ନୂଆପଡା ଉପନିର୍ବାଚନ ହେଉ କି ବିଶ୍ୱଜିତ ମହାନ୍ତିଙ୍କ କଂଗ୍ରେସରେ ଯୋଗଦାନ ବେଳେ ସୋଫିଆଙ୍କ ଦେଖା ମିଳିନଥିଲା । ଅବଶ୍ୟ ସୋଫିଆ ଗଣମାଧ୍ୟମରେ ସବୁବେଳେ କହିଆସୁଛନ୍ତି ଯେ, ଦଳ ଯାହା ନିଷ୍ପତି ନେବ ମୁଁ ତାକୁ ଗ୍ରହଣ କରିବି ।

ଯେତେବେଳେ ବିଧାୟିକା ସୋଫିଆ ନିଜର ବାପାଙ୍କ ହାତ ଧରି ରାଜନିତୀରେ ପାଦ ଥାପିଛନ୍ତି ଏବଂ ତାଙ୍କ ବାପାଙ୍କୁ ବହିସ୍କାର କରିଥିବା ନେତାଙ୍କ ହ୍ୱିପ୍‌କୁ ସେ ଖାତିର କରିବେ ବୋଲି ସହଜରେ ବିଶ୍ୱାସ କରିହେଉନାହିଁ । ସେହିପରି ଚୌଦ୍ୱାର କଟକ ଲୋକଙ୍କ ପ୍ରିୟର ନେତା ହେଉଛନ୍ତି ପ୍ରଭାତ ବିଶ୍ୱାଳ । ରାତି ପାହିଲେ ତାଙ୍କ ବାସଭବନରେ ଶହ ଶହ ସଂଖ୍ୟାରେ ଲୋକଙ୍କ ଭିଡ ଜମିଥାଏ । ଯେତେବେଳେ ପ୍ରଭାତ ସନ୍ତୃପ୍ତ ମିଶ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଦଳର ଆକାଉଁଟ ବାହାର ରାଜ୍ୟରେ ଖୋଲାଯିବାର ଯେଉଁ ଅଭିଯୋଗ ସଭାପତି ନବୀନ ପଟନାୟକଙ୍କ ଆଗରେ ଉପସ୍ଥାପନା କରିଥିଲେ, ତାହା କ'ଣ ଭୂଲ ଥିଲା ? ଯଦି ଭୂଲ ଥିଲା, ତାହାଲେ ସନ୍ତୃପ୍ତ ମିଶ୍ର କିମ୍ବା ନିଜେ ସଭାପତି ତାହାର ସ୍ପଷ୍ଟିକରଣ କାହିଁକି ସାଧାରଣରେ ରଖିନଥିଲେ ବୋଲି ଚର୍ଚ୍ଚା ହେଉଛି । ଏଥିରୁ ସ୍ପଷ୍ଟ ପ୍ରମାଣ କରୁଛିଯେ, ପ୍ରଭାତ ସେଦିନ ଯାହା କହିଥିଲେ, ତାହା ସମ୍ପୂର୍ଣ୍ଣ ସତ ଘଟଣା ଥିଲା । ପ୍ରଭାତଙ୍କ ସ୍ୱରକୁ ଚପାଇ ଦେବା ପାଇଁ ତାଙ୍କୁ ବହିସ୍କାର କରାଯାଇଛି ।ହେଲେ ଆଜିବି ତାଙ୍କର ଲୋକପ୍ରିୟତା କମିନାହିଁ । ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରୁ ଲାଗାତାର ଦୁଇଥର ନିର୍ବାଚିତ ହୋଇଥିବା ବିଧାୟକ ସୌଭିକଙ୍କୁ ଦଳ ପକ୍ଷରୁ ଜାରି କରାଯାଇଥିବା ହ୍ୱିପ୍ ରୋକିପାରିବ ତ ?

**ଏଚ୍‌ପିଭି ଟିକାକୁ ନେଇ ଘୁରି ବୁଲୁଛି 'ମିଛ ଖବର'**

## ଗୁଜବରେ ବିଶ୍ୱାସ ନକରିବାକୁ ସରକାରଙ୍କ ଅପିଲ୍




ଭୁବନେଶ୍ୱର(ଏନ୍.ଏମ୍.) : ରାଜ୍ୟରେ କିଶୋରୀଙ୍କୁ ଜରାୟୁ କର୍କଟ ସୁରକ୍ଷା ପାଇଁ ଦିଆଯାଉଛି ଏଚପିଭି ଟିକା । ହେଲେ ଟିକା କିଶୋରୀଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଉଛି । କୋଭିଡ୍ ଟିକା ଯେପରି ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉଛି । ଠିକ୍ ସେହିଭଳି ଏଚ୍ପିଭି ଟିକା ମଧ୍ୟ ଦେଖାଇବ । ଏଥିରେ କିଶୋରୀଙ୍କ ଗର୍ଭ ଧାରଣ କ୍ଷମତା ହ୍ରାସ ପାଇବ । ଏହି କେବଳ ଔଷଧ ନିର୍ମାଣକାରୀ କମ୍ପାନିକୁ ଫାଇଦା ଦେବା ଲାଗି ସରକାର ଟିକା ଦେଉଛନ୍ତି । କିଛି ଲୋକ ସାମାଜିକ ଗଣମାଧ୍ୟମରେ ଏଭଳି ମିଛ ପ୍ରଚାର ଚଳାଇଛନ୍ତି । ଯାହାକୁ ନେଇ ବର୍ତ୍ତମାନ ଲୋକଙ୍କ ଭିତରେ ଟିକାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଅସ୍ୱୀକାର କରିଛନ୍ତି । କିଶୋରୀଙ୍କୁ ଜରାୟୁ କର୍କଟରୁ ରକ୍ଷା କରିବା ପାଇଁ ଗତ ମାସରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଏଚପିଭି ଟିକାକରଣ । ଓଡ଼ିଶାରେ ୩ଲକ୍ଷରୁ ଅଧିକ ୧୪ରୁ୧୫ ବର୍ଷ କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଲକ୍ଷ୍ୟ ରହିଛି । ଟିକାକରଣ ଆରମ୍ଭ ହୋଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଅପପ୍ରଚାର ଆରମ୍ଭ ହୋଇଛି । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏଚପିଭି ଟିକା ଏକ ନୂଆ ଟିକା ନୁହେଁ । ଏହା ବହୁ ପୂର୍ବରୁ ରହିଛି । ଅଧିକ ଦାମ୍ ରହିଥିବା କାରଣରୁ ଅନେକ ଟିକା ନେବାକୁ କୁଣ୍ଠାବୋଧ କରୁଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଅପରପକ୍ଷରେ ରାଜ୍ୟରେ ଏଚ୍ପିଭି ଟିକାକରଣ ଆସନ୍ତା ୩ ମାସ ପାଇଁ ଚାଲିବ । ଏହାଭିତରେ ୧୫ ହଜାରରୁ ଅଧିକ କିଶୋରୀ ଟିକା ନେଇ ସାରିଲେଣି । ଆଗକୁ ମଧ୍ୟ ଏହି ଟିକା ନିୟମିତଭାବେ ଦିଆଯିବ ।

# ଚର୍ଚ୍ଚାରେ ଏବେ ଭୂତ ବଙ୍ଗଳା




**ମୁମ୍ବାଇ(ଏଜେନ୍ସି):** ଅକ୍ଷୟ କୁମାରଙ୍କ ଅପକମିଙ୍ଗ ହରର-କମେଡି ଫିଲ୍ମ 'ଭୂତ ବଙ୍ଗଳା' ବହୁତ ଚର୍ଚ୍ଚାରେ ରହିଛି। ପ୍ରଶଂସକମାନେ ଫିଲ୍ମକୁ ନେଇ ପୂର୍ବରୁ ଉତ୍ସାହିତ ଅଛନ୍ତି। ଏବେ ଖବର ଆସିଛି ଯେ ଏହାର ଟିଜର ମାର୍ଚ୍ଚ ୯ ତାରିଖ ଅର୍ଥାତ୍ ଆଜି ରିଲିଜ୍ ହେବ। ଫିଲ୍ମଟି ଏପ୍ରିଲ ୧୦ ତାରିଖରେ ସିନେମା ହଲରେ ଆସିବାର ଯୋଜନା ରହିଛି। ଏହି ପ୍ରୋଜେକ୍ଟରେ ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହିତ କାମ କରିଛନ୍ତି। ଏହି ଯୋଡ଼ି ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ କରିଛନ୍ତି, ତେଣୁ ଦର୍ଶକମାନେ ଏହି ନୂଆ ଫିଲ୍ମ ଦେଖିବା ପାଇଁ ବହୁତ ଆଶା ରଖିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, 'ଭୂତ ବଙ୍ଗଳା' ର ଟିଜର ମାର୍ଚ୍ଚ ୯ ତାରିଖ ଅର୍ଥାତ୍ ଆଜି ଅପଲୋଡ୍ ହେବ ଏବଂ ଏହି ତାରିଖ ପଛରେ ଏକ ନିର୍ଦ୍ଦିଷ୍ଟ କାରଣ ମଧ୍ୟ ରହିଛି। ଅକ୍ଷୟ କୁମାର ୯ ନମ୍ବରକୁ ଏକ ଭାଗ୍ୟବାନ ସଂଖ୍ୟା ଭାବରେ ମାନନ୍ତି, କାରଣ ତାଙ୍କର ଜନ୍ମ ସେପ୍ଟେମ୍ବର ୯ ତାରିଖରେ ହୋଇଥିଲା ଏବଂ ସେ ଏହାକୁ ଏକ ଶୁଭ ନମ୍ବର ବୋଲି ଭାବନ୍ତି। ସେ ତାଙ୍କ ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଅନ୍ୟାନ୍ୟ ଅନେକ ଜିନିଷରେ ଏହି ନମ୍ବରକୁ ସାମିଲ କରନ୍ତି। ଏହି କାରଣରୁ ଫିଲ୍ମର ନିର୍ମାତା ଟିଜର ରିଲିଜ୍ ପାଇଁ ମାର୍ଚ୍ଚ ୯ ତାରିଖକୁ ବାଛିଛନ୍ତି। ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ହେଉଛି ଯେ ଟ୍ରେଲରଟି ଏହି ମାସ ଶେଷ ସୁଦ୍ଧା ଆସିପାରେ। କିଛି ରିପୋର୍ଟ ଅନୁସାରେ ଟ୍ରେଲରଟି 'ଧୁରନ୍ଧର: ଦି ରିଭେଞ୍ଜ' ର ଥିଏଟର ରିଲିଜ୍ ସହିତ ଆଡ୍ ହୋଇପାରେ, ଯାହା ମାର୍ଚ୍ଚ ୧୯ ତାରିଖରେ ଥିଏଟରରେ ଆସିବାକୁ ଯାଉଛି। ଏଥିସହ ଜାଣିରଖନ୍ତୁ ଯେ, 'ଭୂତ ବଙ୍ଗଳା' ପୂର୍ବରୁ, ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ ଅନେକ ଫିଲ୍ମ କରିଛନ୍ତି, ଯେପରିକି 'ଭୁଲ ଭୁଲୈୟା', 'ହେରା ଫେରି' ଏବଂ 'ଗରମ ମସଲା', ଯାହା ଦର୍ଶକଙ୍କ ମଧ୍ୟରେ ଲୋକପ୍ରିୟ ରହିଛି। ଏହି ଫିଲ୍ମ ପ୍ରାୟ ୨୫ ବର୍ଷ ପରେ ଅକ୍ଷୟ କୁମାର ଏବଂ ତବୁଙ୍କୁ ପୁନର୍ବାର ଏକାଠି କରିଛି। ପରେଶ ରାୱଲ, ଭାମିକା ଗବ୍ବି, ମିଥିଳା ପାଲକର, ଜିଶୁ ସେନଗୁପ୍ତା, ମନୋଜ ଜୋଶୀ ଏବଂ ରାଜପାଲ ଯାଦବଙ୍କ ଭଳି କଳାକାର ମଧ୍ୟ ଫିଲ୍ମର ଅଂଶ। ଏହି ଫିଲ୍ମଟି ଏକତା ଆର. କପୁର ଏବଂ ଶୋଭା କପୁରଙ୍କ ବାଲାଜୀ ଟେଲିଫିଲ୍ମସ୍ ଦ୍ୱାରା ପ୍ରଯୋଜିତ ହେଉଛି, ଯେଉଁଥିରେ କେପ୍ ଅଫ୍ ଗୁଡ୍ ଫିଲ୍ମସ୍ ମଧ୍ୟ ଜଡିତ।

# ଆଇଟି ମୋ ଶରୀର ହେଲେ ସଂଗୀତ ମୋର ଆତ୍ମା: ସ୍ମରଣିକା



**ଭୁବନେଶ୍ୱର(ଏନ୍.ଏମ୍.):** ଫୁଲବାଲୀ, ତୋ'ରି ନାଁରେ, ଶ୍ରାବଣରେ ଶ୍ରାବଣ ଆଦି ଗୀତ ଶୁଣିଛନ୍ତି ତ! ତାହେଲେ ସେ ଗୀତ ପଛର ସୁନ୍ଦର କଣ୍ଠସ୍ୱରକୁ ବି ଜାଣିଥିବେ ନିଶ୍ଚୟ। ହଁ ଆଜ୍ଞା, ଆମେ ତାଙ୍କରି କଥା ହିଁ କହୁଛୁ; ଯିଏ ଏବେ ଲୋକଙ୍କ ପାଖରେ ଖୁବ୍ ପରିଚିତ। ନାଁ ତାଙ୍କର ସ୍ମରଣିକା ନାୟକ। ସ୍ମରଣିକା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟର ବିଟେକ୍ ୪ର୍ଥ ବର୍ଷ ଛାତ୍ରୀ। ଏବେ ଏବେ ଏକ ଘରୋଇ କମ୍ପାନିରେ ନୂଆ ଚାକିରି କରିବା ସହ ସଂଗୀତ ଯାତ୍ରା ମଧ୍ୟ ଜାରି ରଖିଛନ୍ତି। ବାପା ଚିତ୍ତରଞ୍ଜନ ନାୟକ ଓ ମାଆ ମନିଷା ନାୟକଙ୍କ ଝିଅ ହେଉଛନ୍ତି ସ୍ମରଣିକା। ପିଲଦିନରୁ ସାଙ୍ଗୀତିକ ପରିବେଶ ମଧ୍ୟରେ ରହିବା ହେତୁ ତାଙ୍କର ସଂଗୀତ ପ୍ରତି ମନ ବଳିଥିଲା। ବାପା ମର୍ଚାଣ୍ଟ ନାଭିରେ କ୍ୟାପଟ୍ଟେନ୍। ଏହସହ ସେ ଜଣେ ତବଲା ବାଦକ ଓ ଗାୟକ, ତାଙ୍କ ପିଉସୀ ଚଇତି ଘୋଡ଼ା ନାଚରେ ଗୀତ ଗାଆନ୍ତି ଏବଂ ଜଣେ ଓଡ଼ିଶୀ ଓ କ୍ଲାସିକାଲ କଣ୍ଠଶିଳ୍ପୀ। ତାଙ୍କ ଜେଜେବାପା ଯାହାଙ୍କୁ ସେ କେବେ ଦେଖି ନାହାନ୍ତି, ସେ ଜଣେ ଗାୟକ, ବାଦ୍ୟଶିଳ୍ପୀ ତଥା ଜଣେ କଥକ ନୃତ୍ୟଶିଳ୍ପୀ ଥିଲେ। ଏଣୁ ତାଙ୍କ ଉପରେ କଳାର ଛିଟା ପଡ଼ିବା ସ୍ୱାଭାବିକ। ତିନିବର୍ଷ ବୟସରୁ କଲୋନିର ମଞ୍ଚରୁ ତାଙ୍କ ସଂଗୀତ ପ୍ରୀତି ଜଣା ପଡ଼ିଲା ଏବଂ ତାଙ୍କର ବିଧିବଦ୍ଧ ସଙ୍ଗୀତ ଶିକ୍ଷା ଆରମ୍ଭ ହୋଇଥିଲା। ମାତ୍ର ୧୦ବର୍ଷ ବୟସରେ ସେ ଶିଶୁ କଣ୍ଠଶିଳ୍ପୀ ଭାବେ ତାଙ୍କର ପ୍ରଥମ ଗୀତ ମୁଁ 'ରୁଷିଚି କାଳିଆ ରେ' ଗୀତ ରେକର୍ଡ କରିଥିଲେ। ସାର୍ଥକ ଟିଭିରେ ପ୍ରସାରିତ ସାରେଗାମା ପା ଲିଟିଲ୍ ଚାମ୍ପରେ ସେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବହୁ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ପାଇଥିଲେ। 'ତୁ ଫୁଙ୍କିଲୁ ଏମିତି' ତାଙ୍କର ପ୍ରଥମ ମୁଖ୍ୟ କଣ୍ଠଶିଳ୍ପୀ ଭାବେ ରେକର୍ଡ ଗୀତ ଥିଲା। ଏବେ ଅନେକ ଗୀତ ମୁକ୍ତିଲାଭ କରୁଛି ଏବଂ ଆହୁରି ଅନେକ ବଜାରକୁ ଆସୁଛି। ସବୁବେଳେ ସଂଗୀତକୁ ନେଇ ଗବେଷଣା କରୁଥାନ୍ତି ଏବଂ ନିଜକୁ ସଜାଡ଼ିବାକୁ ଚେଷ୍ଟା କରନ୍ତି ସ୍ମରଣିକା। ଓଡ଼ିଆ ସିନେମାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ ଇଚ୍ଛା ରଖିଥିବା ସ୍ମରଣିକା ଭବିଷ୍ୟତରେ ବଲିଉଡ୍ରେ ମଧ୍ୟ ଓଡ଼ିଆ ସଂଗୀତକୁ ପରିଚିତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହ କମ୍ପ୍ୟୁଟର ଇଞ୍ଜିନିୟରିଂରେ ନିଜର କ୍ୟାରିୟର ବନାଇବା ପାଇଁ ଇଚ୍ଛା ରଖିଛନ୍ତି। କାରଣ ସେ କହନ୍ତି, "ଆଇଟି ମୋ ଶରୀର ହେଲେ ସଂଗୀତ ମୋର ଆତ୍ମା"।

# ଧୁରନ୍ଧର-୨ ପାଇଁ ଅପେକ୍ଷାର ଅନ୍ତ




**ମୁମ୍ବାଇ(ଏଜେନ୍ସି):** 'ଧୁରନ୍ଧର ୨'ର ମୁକ୍ତି ପାଇଁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ଅପେକ୍ଷା ମାର୍ଚ୍ଚ ୧୯ ତାରିଖରେ ଶେଷ ହେବ। ଏହା ପୂର୍ବରୁ ଆଦିବି ସେଷ୍ ଏବଂ ମୃଣାଳ ଠାକୁରଙ୍କ 'ଡକୈତ୍' ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ଥିଲା। କିନ୍ତୁ, ଆଉ ଏପରି ହେବ ନାହିଁ। 'ଧୁରନ୍ଧର ୨' ଏବଂ 'ଡକୈତ୍' ପ୍ରେକ୍ଷାଳୟରେ ମୁହାଁମୁହିଁ ହେବେ ନାହିଁ। 'ଡକୈତ୍'ର ନିର୍ମାତା ଗୋଟିଏ ସପ୍ତାହ ପୂର୍ବରୁ ରିଲିଜ୍ ତାରିଖ ପରିବର୍ତ୍ତନ କରିଛନ୍ତି। ତେବେ ଆସନ୍ତୁ ଜାଣିବା ଏହି ଫିଲ୍ମ କେବେ ରିଲିଜ୍ ହେବ? 'ଡକୈତ୍' ପାଇଁ ଦର୍ଶକଙ୍କୁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡିବ। ଏହାର ମୁକ୍ତିଲାଭ ତାରିଖକୁ ଆସନ୍ତା ଏପ୍ରିଲ ମାସକୁ ଘୁଞ୍ଚାଇ ଦିଆଯାଇଛି। ଏହି ଫିଲ୍ମ ୧୦ ଏପ୍ରିଲ୍ ୨୦୨୬ରେ ସିନେମା ହଲରେ ରିଲିଜ୍ ହେବ। ନିର୍ମାତା ଆନୁଷ୍ଠାନିକ ଭାବରେ ଫିଲ୍ମର ରିଲିଜ୍ ତାରିଖ ପରିବର୍ତ୍ତନ ଘୋଷଣା କରିଛନ୍ତି। ଅଭିନେତା ଆଦିବି ସେଷ୍ ମଧ୍ୟ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ସୂଚନା ସେୟାର କରିଛନ୍ତି। ନୂତନ ତାରିଖ ଘୋଷଣା କରି ଆଦିବି ଲେଖିଛନ୍ତି, '୧୦ ଏପ୍ରିଲ୍ ରେ ଗୋଲ୍ଡଫିସ୍। ସାରା ବିଶ୍ୱରେ ସିନେମା ହଲରେ।' ଏହି ଫିଲ୍ମରେ ଆଦିବି ସେଷ୍ ଏବଂ ମୃଣାଲ୍ ଠାକୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସେମାନେ ଫିଲ୍ମର ଲେଖା ଉପରେ ମଧ୍ୟ କାମ କରିଛନ୍ତି। ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। 'ଡକୈତ୍' ପୂର୍ବରୁ, ୟଶଙ୍କ ଅଭିନୀତ 'ଟକ୍ସିକ୍'ର ରିଲିଜ୍ ତାରିଖ ମଧ୍ୟ ପରିବର୍ତ୍ତନ କରାଯାଇଛି। 'ଟକ୍ସିକ୍' ପ୍ରଥମେ ମାର୍ଚ୍ଚ ୧୯ ତାରିଖରେ 'ଧୁରନ୍ଧର ୨' ସହିତ ସିନେମା ହଲରେ ରିଲିଜ୍ ହେବାର ଥିଲା। କିନ୍ତୁ, 'ଟକ୍ସିକ୍'ର ରିଲିଜକୁ ଏବେ ଜୁନ୍ ୨୦୨୬ କୁ ଘୁଞ୍ଚାଇ ଦିଆଯାଇଛି। ଦର୍ଶକମାନେ ରଣବୀର ସିଂହଙ୍କ ଅଭିନୀତ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ସହିତ 'ଟକ୍ସିକ୍' ଏବଂ 'ଡକୈତ୍'ର ବକ୍ସ ଅଫିସ୍ ଟକ୍କର ହେବ ବୋଲି ଭାବୁଥିଲେ ଆଉ ଅତି ଉତ୍ସାହର ସହିତ ଅପେକ୍ଷା କରିଥିଲେ। କିନ୍ତୁ, ଏହି ଟକ୍କର ଆଉ ହେବ ନାହିଁ।

## ବିବାହ ବନ୍ଧନରେ କୃତିକା ଓ ଗୌରବ

**ମୁମ୍ବାଇ(ଏଜେନ୍ସି):** ଟିଭି ଅଭିନେତ୍ରୀ କୃତିକା କାମରା ଏବଂ କ୍ରିକେଟ୍ ପ୍ରେଜେଣ୍ଟର ଗୌରବ କପୁର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ୧୧ ମାର୍ଚ୍ଚରେ ଏହି ଦମ୍ପତି ମୁମ୍ବାଇର ବାନ୍ଦ୍ରାସ୍ଥିତ ସେମାନଙ୍କ ଘରେ ଏକ ରେଜେଷ୍ଟ୍ରି ମ୍ୟାରେଜ କରିଥିଲେ। ବିବାହ ଜଣାଶୁଣା ଲୋକ ପହଞ୍ଚିଥିଲେ। ଯୁବରାଜ ସିଂ, ସାମିଲ ହୋଇଥିଲେ। ଦୁହିଁଙ୍କ ବିବାହ ଫଟୋର ନେଇ ଚର୍ଚ୍ଚା ଲାଗିରହିଛି। କୃତିକା ଏକ ଭାରୀ ଉପହାର ଦିଆଯାଇଥିବା ଏକ ଲାଲ ଚାନ୍ଦେରୀ ଶାଢ଼ି ଦ୍ୱାରା ଡିଜାଇନ୍ କରାଯାଇଛି। ଯାହା ପାରମ୍ପରିକ ପାଇଁ ଉତ୍ସର୍ଗୀକୃତ। ଗୌରବ କପୁର ଡିଜାଇନ୍ କରାଯାଇଥିବା ହାତୀଦାନ୍ତ ଏବଂ



ଏକ ଗ୍ରାଣ୍ଡ ଡେଷ୍ଟିନେସନ୍ ବିବାହ ପରିବର୍ତ୍ତେ ବ୍ୟକ୍ତିଗତ ସମାରୋହ କରିଥିଲେ। ସେମାନେ ଉତ୍ସବରେ ବଲିଉଡ ଏବଂ କ୍ରିକେଟ ଜଗତର ଜାହିର ଖାନ, ନେହା ଧୁପିଆ, ସୋହା ଅଲ୍ଲୀ ଖାନ ସାମ୍ନାକୁ ଆସିଛି। ବାହାଘରରେ କୃତିକାଙ୍କ ଲୁକ୍ କୁ ଲେହେଙ୍ଗା ବଦଳରେ ସେ ତାଙ୍କ ମାଆଙ୍କ ଦ୍ୱାରା ତାଙ୍କୁ ପିନ୍ଧିଥିଲେ। ଏହି ଶାଢ଼ି କୃତିକାଙ୍କ ନିଜସ୍ୱ ବ୍ରାଣ୍ଡ କଳା ଏବଂ ମହିଳା କାରିଗରଙ୍କ ସଶକ୍ତିକରଣ ଡିଜାଇନର୍ ରାଘବେନ୍ଦ୍ର ରାଠୋରଙ୍କ ଦ୍ୱାରା ସୁନା ପାରମ୍ପରିକ ପୋଷାକରେ ସୁନ୍ଦର ଦେଖାଯାଉଥିଲେ। କୃତିକା ଏବଂ ଗୌରବ ବହୁତ ଦିନ ଧରି ଡେଟିଂ କରୁଛନ୍ତି। ଗତ ବର୍ଷ ଡିସେମ୍ବରରେ କୃତିକା ଏକ ଫଟୋ ସେୟାର କରି ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରିଥିଲେ। ଏହା ଗୌରବଙ୍କ ଦ୍ୱିତୀୟ ବିବାହ। ସେ ୨୦୧୪ ମସିହାରେ ଅଭିନେତ୍ରୀ ଏବଂ ମଡେଲ କିରତ ଭଟ୍ଟଲଙ୍କୁ ବିବାହ କରିଥିଲେ। ସେମାନଙ୍କର ୨୦୨୧ ମସିହାରେ ଛାଡପତ୍ର ହୋଇଥିଲା। କୃତିକା କାମର କରଣ କୁନ୍ଦ୍ରାକୁ ଡେଟ୍ କରୁଥିଲେ।

# ବୟଫ୍ରେଣ୍ଡ ଫରମାନଙ୍କ ହାତ ଧରିଲେ ମହାକୁମ୍ଭ ଭାଇରାଲ ଗର୍ଲ ମୋନାଲିସା





**ଚେନ୍ନାଇ(ଏଜେନ୍ସି):** ମହାକୁମ୍ଭ ଭାଇରାଲ ଗର୍ଲ ମୋନାଲିସା ପୁଣି ଥରେ ଚର୍ଚ୍ଚାରେ ଆସିଛନ୍ତି। ବୁଧବାର ଦିନ କେରଳରେ ବୟଫ୍ରେଣ୍ଡ ଫରମାନଙ୍କ ସହ ବିବାହ କରିଛନ୍ତି ମୋନାଲିସା। ପୋଲିସ ସୁରକ୍ଷା ମଧ୍ୟରେ ମୋନାଲିସା ଏବଂ ଫରମାନ କେରଳର ତିରୁବନନ୍ତପୁରମ୍ ନିକଟସ୍ଥ ପୁଭରର ଅରୁଣାନୁର ଶ୍ରୀ ନୈନା ଦେବ ମନ୍ଦିରରେ ବିବାହ କରିଛନ୍ତି। ପ୍ରଶଂସକ, ଗଣମାଧ୍ୟମ ଏବଂ ରାଜନେତା ଏହି ବିବାହରେ ଯୋଗ ଦେଇଥିଲେ। ବିବାହ ରୀତିନୀତି ପରେ ଦମ୍ପତି ପୁରୋହିତଙ୍କ ଠାରୁ ଆଶୀର୍ବାଦ ନେଇଥିଲେ। କେରଳ ଶିକ୍ଷା ମନ୍ତ୍ରୀ ଭି. ଶିବନକୁଟ୍ଟି, ସିପିଏମ ରାଜ୍ୟ ସମ୍ପାଦକ ଏମ୍.ଭି. ଗୋବିନ୍ଦନ ଏବଂ ସାଂସଦ ଏ.ଏ. ରହିମ ସେମାନଙ୍କ ବିବାହରେ ଉପସ୍ଥିତ ଥିଲେ। ବିବାହରେ ମୋନାଲିସା ଏକ ଲାଲ ଶାଢ଼ି ପିନ୍ଧିଥିଲେ। ଏହାସହ ହାର ଏବଂ ସିନ୍ଦୁର ପିନ୍ଧିଥିଲେ। ଏହି ଲୁକରେ ମୋନାଲିସା ବହୁତ ସୁନ୍ଦର ଦେଖାଯାଉଥିଲେ। ଯାହାର ଭିଡିଓ ଏବଂ ଫଟୋ ଭାଇରାଲ ହେଉଛି। ସୂଚନା ଅନୁସାରେ ମୋନାଲିସାଙ୍କ ସ୍ୱାମୀ ଜଣେ ମୁସଲମାନ। ମୋନାଲିସା ମଧ୍ୟପ୍ରଦେଶର ଇନ୍ଦୋରର ହୋଇଥିବାବେଳେ ଫରମାନ ମହାରାଷ୍ଟ୍ରର। ଉଭୟ ଦେଢ଼ ବର୍ଷ ଧରି ସମ୍ପର୍କରେ ଥିଲେ। କିନ୍ତୁ ସେମାନଙ୍କ ପରିବାର ବିବାହ ବିରୋଧରେ ଥିଲେ। ଏହି କାରଣରୁ ଦୁହେଁ କେରଳରେ ଆଶ୍ରୟ ନେଇଥିଲେ। ମୋନାଲିସା ତିରୁଭାନନ୍ତପୁରମର ଥାମ୍ପାନୁର ପୋଲିସ ଷ୍ଟେସନରେ ସୁରକ୍ଷା ମାଗିଥିଲେ। ସେ କହିଥିଲେ, ତାଙ୍କ ବାପା ବିଜୟ ସିଂହ ଭୋସଲେ ତାଙ୍କ ପସନ୍ଦର ପୁରୁଷଙ୍କୁ ବିବାହ କରିବାକୁ ତାଙ୍କୁ ଚାପ ପକାଉଥିଲେ। ୨୦୨୫ ମସିହାରେ ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ମୋନାଲିସା ଭୋଁସଲେ ଭାଇରାଲ ହୋଇଥିଲେ। ତାଙ୍କର ରୁଦ୍ରାକ୍ଷ ମଣି ବିକ୍ରୟ କରିବାର ଏକ ଭିଡିଓ ଇଣ୍ଟରନେଟରେ ଭାଇରାଲ ହୋଇଥିଲା। ମୋନାଲିସା ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଦି ଡାଏରୀ ଅଫ ମଣିପୁର' ଫିଲ୍ମରେ ନଜର ଆସିବେ। ଫିଲ୍ମର ଟ୍ରେଲର ଫେବୃଆରୀରେ ରିଲିଜ ହୋଇଥିଲା। ମୋନାଲିସା ଏହି ଫିଲ୍ମ ପାଇଁ କଠିନ ପରିଶ୍ରମ କରିଥିଲେ। ଆଜିକାଲି ମୋନାଲିସା ପୁଭରରେ ନିର୍ଦ୍ଦେଶକ ପି. ବିନୁ ଭାର୍ଗୀସଙ୍କ ମାଲାୟଲମ ଫିଲ୍ମ 'ନାଗାମ୍ମା'ର ସୁଟିଂ କରୁଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ!

ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ। ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ। କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ୍ୟ କୁହାଯାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ। ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ। ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା।

- ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରଇ ରୁହନ୍ତୁ। କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ।
- କାଜୁ ଏକ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ। ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଆପଣ ମୋଟାପଣର ଶିକାର ହୋଇପାରନ୍ତି। ତେଣୁ କାଜୁକୁ ଅତି ସୀମିତ ପରିମାଣରେ ଖାଇବା ଉଚିତ। ପ୍ରାୟ ୩୦ ଗ୍ରାମ କାଜୁରେ ୧୬୩ କ୍ୟାଲୋରୀ ଏବଂ ୧୩.୧ ଚର୍ବି ଥାଏ। ଯଦି ଆପଣ ନିୟମିତ କିମ୍ବା ଅଧିକ ପରିମାଣରେ କାଜୁ ଖାଉଛନ୍ତି ତେବେ ଆପଣଙ୍କର ଓଜନ ହ୍ରାସ କରିବା ଲକ୍ଷ୍ୟ କେବେ ବି ପୂରଣ ହୋଇପାରିବ ନାହିଁ।
- ଅଧିକ ପରିମାଣରେ କାଜୁ ଖାଇବା ଦ୍ୱାରା ଧୀରେ ଧୀରେ ଶରୀରରେ ଔଷଧ ମଧ୍ୟ କାମ କରେ ନାହିଁ। ୩ ରୁ ୪ଟି କାଜୁରେ ୮୨.୫ ଏମଜି ମ୍ୟାଗ୍ନେସିୟମ୍ ଥାଏ। ଏହି ମ୍ୟାଗ୍ନେସିୟମ୍ ଆପଣ ଖାଉଥିବା ଡାଇବେଟିସ୍, ଥାଇରଏଡ୍, ମୂତ୍ର ସମ୍ବନ୍ଧୀୟ ଏବଂ ଆର୍ଥ୍ରାଇଟିସ୍ ଔଷଧ ଉପରେ ପ୍ରଭାବ ପକାଇଥାଏ।
- ଉଚ୍ଚ ରକ୍ତଚାପରେ ପୀଡିତ ଥିବା ବ୍ୟକ୍ତି ଭୁଲରେ ବି କାଜୁ ଖାଇବା ଉଚିତ ନୁହେଁ। କାଜୁରେ ଅଧିକ ମାତ୍ରାରେ ସୋଡିଅମ ରହିଛି, ଯାହା ରକ୍ତଚାପକୁ ବଢ଼ାଇବାରେ କାମ କରେ। କେବଳ ସେତିକି ନୁହେଁ ଅଧିକ କାଜୁ ଖାଇବା ଦ୍ୱାରା କିଡନୀ ଏବଂ ହୃଦୟ ଉପରେ ମଧ୍ୟ ପ୍ରଭାବ ପଡିଥାଏ।

## ମା'ରାଣ ଦେହକୁ ନେବେନି...



ରାଜ୍ୟସଭା ପେଇଁ ଭୋଓଟ ଚାଲିଛି
ଅଛନ୍ତି ପାଞ୍ଚ ଆଶାୟୀ...
କେତେ ନୋଟସବୁ ଭିତରେ ଚଳିଲେ
ଜାଣନ୍ତି ସେସବୁ ସାୟୀ...
ଭାଷନ୍ତି ଦ୍ରୌପଦୀ ମାୟୀ...
ଜଣାପଡ଼ିଯିବ କେତେ ଦୁଁହାଳିଆ
ଅଛନ୍ତି ଯେ କଳାଗାଈ...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ଗାଜର ଆଚାର



ଆବଶ୍ୟକୀୟ ସାମଗ୍ରୀ:
ଲାଲ ଗାଜର – ୧ କିଲୋଗ୍ରାମ, ସୋରିଷ ତେଲ – ୨୫୦ ଗ୍ରାମ, ଲାଲ ସୋରିଷ – ୧୦୦ ଗ୍ରାମ, ପାନମହୁରି – ୬୦ ଗ୍ରାମ ମେଥି – ୩୦ ଗ୍ରାମ, ଲାଲ ଲଙ୍କା ଗୁଣ୍ଡ – ୨ ଚାମଚ, ହଳଦୀ – ୧ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ଆସାଫୋଏଟିଡା – ୧ ଚାମଚ, ଭିନେଗାର – ୨ ଚାମଚ

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ, ଆଚାର ପାଇଁ ଗାଜର ପ୍ରସ୍ତୁତ କରନ୍ତୁ। ଭଲ ଭାବରେ ଧୋଇ ଛାଣି ଦିଅନ୍ତୁ। ଲମ୍ବା ଖଣ୍ଡ କରି କାଟନ୍ତୁ। ଏବେ ଗାଜରକୁ ୫ ଘଣ୍ଟା ପାଇଁ ସୂର୍ଯ୍ୟ କିରଣରେ ଶୁଖାଇ ଦିଅନ୍ତୁ କିମ୍ବା ପଙ୍ଖା ତଳେ ରଖନ୍ତୁ। ଏହା ଗାଜରରୁ ସମସ୍ତ ଆର୍ଦ୍ରତା ଦୂର କରିଦେବ ଏବଂ ଆଚାର ନଷ୍ଟ ହେବାର ଆଶଙ୍କା ହ୍ରାସ କରିବ। ଏହି ସମୟ ମଧ୍ୟରେ, ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ପାନମହୁରୀ ଏବଂ ମେଥି ଦାନାକୁ କମ୍ ଆଞ୍ଚରେ ହାଲୁକା ଭାବରେ ଭଜାନ୍ତୁ। ମସଲା ଥଣ୍ଡା ହେବା ପରେ, ସେଗୁଡ଼ିକୁ ଗ୍ରାଇଣ୍ଡିଂ କରନ୍ତୁ। ଭଜା ମସଲା ଆଚାରକୁ ଶୀଘ୍ର ନଷ୍ଟ ହେବାରୁ ରୋକିଥାଏ। ସୋରିଷ ତେଲ ଧୂଆଁ ନ ଆସିବା ପର୍ଯ୍ୟନ୍ତ ଗରମ କରନ୍ତୁ। ତାପରେ, ଗରମ ବନ୍ଦ କରନ୍ତୁ ଏବଂ ତେଲକୁ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ। ତେଲରେ ହେଙ୍ଗୁ ପକାନ୍ତୁ ଏବଂ ଆଚାର ପାଇଁ ଏକ ବଡ଼ ଶୁଖିଲା ପାତ୍ର ନିଅନ୍ତୁ। ଶୁଖିଲା ଗାଜର ଏବଂ ଅବଶିଷ୍ଟ ମସଲା ମିଶାନ୍ତୁ: ଲୁଣ, ହଳଦୀ, ଲାଲ ଲଙ୍କା ଏବଂ ପେଷା ମସଲା। ଉଷୁମ ତେଲ ଉପରେ ଢାଳନ୍ତୁ ଏବଂ ୨ଚାମଚ ଭିନେଗାର ପକାନ୍ତୁ। ଏବେ, ଏକ ଗ୍ଲାସ କିମ୍ବା ସିରାମିକ୍ ଜାରରେ ଅଚାର ପୂରଣ କରନ୍ତୁ ଏବଂ ପ୍ରାୟ ୫ଦିନ ପାଇଁ ପ୍ରତିଦିନ ସୂର୍ଯ୍ୟ କିରଣରେ ରଖନ୍ତୁ। ଆପଣଙ୍କର ଗାଜର ଆଚାର ପ୍ରସ୍ତୁତ। ଏହା ପରିବେଷଣ ପାଇଁ ପ୍ରସ୍ତୁତ। ତଥାପି, ଏହାକୁ ବାହାର କରିବା ସମୟରେ ଓଦା ଚାମଚ ବ୍ୟବହାର କରନ୍ତୁ ନାହିଁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।



# ଏଲ୍‌ପିଜି ସଙ୍କଟ ଟଳିଲା ଦିନକରେ ଉତ୍ପାଦନ ୧୦% ବୃଦ୍ଧି



ନୂଆଦିଲ୍ଲୀ (ଏଜେନ୍ସି) : ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଭାରତରେ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟକୁ ସରକାର ଟାଳି ଦେଇଥିବା ଦାବି କରିଛନ୍ତି । ଇରାନ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିବା ମାତ୍ରେ ଭାରତରେ ଏଲପିଜି ସିଲିଣ୍ଡର ସଙ୍କଟ ଦେଖାଯାଇଥିଲା । ମୁମ୍ବାଇ ଠାରୁ ଆରମ୍ଭ କରି ଓଡ଼ିଶାରେ ଲୋକମାନେ ଠିକ ଭାବେ ସିଲିଣ୍ଡର ପାଉ ନଥିବା ଅଭିଯୋଗ କରିଥିଲେ । କିଛି ସ୍ଥାନରେ କମର୍ସିଆଲ ଗ୍ୟାସ ଅଭାବରୁ ରେଷ୍ଟୁରାଣ୍ଟ ଓ ହୋଟେଲରେ ତାଲା ପଡ଼ିଥିବା ରିପୋର୍ଟ ମଧ୍ୟ ଆସିଥିଲା । ସ୍ଥିତି ସାଂଘାତିକ ରୂପ ଧାରଣ କରିବାର ଆଶଙ୍କା ପ୍ରକାଶ ପାଇଥିଲେ ହେଁ ସରକାର ସବୁ କିଛି ସୁଧାରି ଦେଇଥିବା କହିଛନ୍ତି । ଏଥିସହ ଦିନକରେ ଏଲପିଜି ଉତ୍ପାଦନ ୧୦% ବଢ଼ିଥିବା ମଧ୍ୟ ସରକାର ଦାବି କରିଛନ୍ତି । ସରକାର ମଙ୍ଗଳବାର ଦାବି କରିଛନ୍ତି ଯେ ଦେଶରେ ଏଲିପିଜିର କୌଣସି ଅଭାବ ନାହିଁ । ବ୍ୟବସାୟିକ ସିଲିଣ୍ଡର ଯୋଗାଣକୁ ନେଇ ଚିନ୍ତା ପ୍ରକାଶ ପାଇବା ପରେ ଏହାକୁ ସାମାଧାନ କରାଯାଇଛି । ଯୋଗାଣରେ ଏବେ ସ୍ଥିରତା ଆସିଛି । ବିଭିନ୍ନ ରିଫାଇନାରୀ ଏଲପିଜି ଉତ୍ପାଦନ ଆଜି ପ୍ରାୟ ୧୦% ବୃଦ୍ଧି କରିଛନ୍ତି । ସୋମବାର ରାତିରେ ଉତ୍ପାଦନ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କଳାବଜାରୀ ଓ ହେରଫେର ରୋକିବାକୁ ଅତିରିକ୍ତ ଭାବେ ପ୍ରଶାସନିକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାରଙ୍କ କହିବା କଥା ଯେ ଏଲପିଜି ବଣ୍ଟନରେ ଅନିୟମିତତାକୁ ରୋକିବା ପାଇଁ ଏଲପିଜି ବୁକିଂ ଅବଧିକୁ ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଛି । ସମସ୍ତଙ୍କ ପାଖରେ ଯେମିତି ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ସିଲିଣ୍ଡର ପହଞ୍ଚି ପାରିବ, ତା'ର ବ୍ୟବସ୍ଥା ହୋଇଛି । ଅସ୍ଥାୟୀ ଭାବେ ଚିନ୍ତା ପ୍ରକାଶ ପାଇଥିଲା । କିନ୍ତୁ ଏବେ ସବୁ ସମସ୍ୟାର ସମାଧାନ କରାଯାଇଛି । ଯୋଗାଣରେ ସ୍ଥିରତା ବଜାୟୀ ରଖିବା ପାଇଁ ସବୁ ରିଫାଇନାରୀ ୧୦୦% କ୍ଷମତାର ସହ କାମ କରୁଛନ୍ତି । ଲୋକମାନେ ଆଦୌ ବିଚଳିତ କିମ୍ବା ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱସନା ଦିଆଯାଇଛି । ସରକାରୀ ଅଧିକାରୀଙ୍କ କହିବା କଥା ଯେ ଶକ୍ତି ଯୋଗାଣରେ ଭାରତ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଯଥେଷ୍ଟ ଭଲ ସ୍ଥିତିରେ ରହିଛି । ବିଶ୍ୱ ଯୋଗାଣ ପ୍ରକ୍ରିୟା ଉପରେ ଚାପ ସୃଷ୍ଟି ହୋଇଥିଲେ ହେଁ ଭାରତ ଉପରେ ଏହାର ପ୍ରଭାବ ସେତେଟା ନାହିଁ । ଭାରତର ଶକ୍ତି ଜନିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ନିୟମିତ ଅନ୍ୟ ଦେଶଗୁଡ଼ିକ ସହ ଯୋଗାଯୋଗରେ ରହିଛନ୍ତି । ମନ୍ତ୍ରଣାଳୟ ଓ ଶକ୍ତି କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ଯୋଗାଣକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ଯୋଗାଣ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବାର କୌଣସି ସମ୍ଭାବନା ନଥିବା ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ସରକାର ଦେଶବାସୀଙ୍କୁ ଗୁଜବରେ ବିଶ୍ୱାଦ ନ କରିବାକୁ ପରାମର୍ଶ ଦେଇଛନ୍ତି । ବିଶେଷ କରି ସୋଶାଲ ମିଡିଆରେ କରାଯାଉଥିବା ଦାବି ପ୍ରତି ସତର୍କ ରହିବାକୁ କହିଛନ୍ତି । ସରକାର ଘରୋଇ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଉଥିଲେ ହେଁ ବ୍ୟବସାୟିକ ପ୍ରତିଷ୍ଠାନ ଉଠାଇଥିବା ଚିନ୍ତାର ମଧ୍ୟ ସମାଧାନ କରୁଛନ୍ତି । ସେହିପରି କମର୍ସିଆଲ ଗ୍ୟାସର ସଙ୍କଟକୁ ନେଇ ମନ୍ତ୍ରଣାଳୟକୁ ବିଭିନ୍ନ ଅନୁଷ୍ଠାନ ଚିଠି ଲେଖି ଯେଉଁ ତଥ୍ୟ ଦେଇଛନ୍ତି, ସେଥିରେ ସତ୍ୟତା ନଥିବା ବି କହିଛନ୍ତି ।

## ମୋଜତାବାଙ୍କୁ ଧମକାଇଲେ ଟ୍ରମ୍ପ

# ସାବଧାନ ରୁହ, କାଲେ ତୁମେ ବି ଖତମ ହୋଇପାର : ଇରାନ



ମୁମ୍ବାଇ (ଏଜେନ୍ସି) : ଇରାନର ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନି ସୋଶାଲ ମିଡିଆ ପୋଷ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦେଇଛନ୍ତି ଖୋଲା ଧମକ । ଇରାନର ନୂଆ ସୁପ୍ରିମ ଲିଡର ମୋଜତାବା ଖାମେନେଇଙ୍କୁ ଟ୍ରମ୍ପ ଧମକ ଦେଇଥିବାରୁ ଅଲୀ ଲାରିଜାନି ଏହାର ଜବାବ ରଖିଛନ୍ତି । ସେ କହିଛନ୍ତି, "ତୁମ ଠାରୁ ବଡ଼ବଡ଼ ଲୋକ ଇରାନକୁ ଖତମ କରି ପାରି ନାହାନ୍ତି । ସାବଧାନ ରୁହ, କାଲେ ତୁମେ ବି ଖତମ ହୋଇ ନଯାଅ ।" ଏହାପୂର୍ବରୁ ଟ୍ରମ୍ପ ସୋଶାଲ ମିଡିଆରେ ଇରାନକୁ ଧମକ ଦେବା ସହ ମୋଜତାବାଙ୍କ ବିରୋଧରେ ବୟାନ ରଖିଥିଲେ । ଟ୍ରୁଥ ସୋଶାଲରେ ଟ୍ରମ୍ପ କହିଥିଲେ ଯେ ହର୍ମୁଜ ପ୍ରଣାଳୀରେ ଯଦି ତେଲ ପ୍ରବାହକୁ ଇରାନ ଅଟକାଇବାକୁ ଚେଷ୍ଟା କରିବ, ତା'ହେଲେ ଆମେରିକା ପକ୍ଷରୁ ୨୦ ଗୁଣା ଶକ୍ତିର ସହ ପ୍ରହାର କରାଯିବ । ପୂର୍ବାପେକ୍ଷା ଷ୍ଟ୍ରାଇକ ଆହୁରି ଭୟଙ୍କର ହେବ । ଷ୍ଟ୍ରାଇକର ପ୍ରଭାବ ଏତେ ଭୟଙ୍କର ହେବ ଯେ ଇରାନ କେବେ ବି ଅଣ୍ଟା ସଳଖି ଛିଡ଼ା ହୋଇପାରିବ ନାହିଁ । ମୃତ୍ୟୁ, ନିଆଁ ଓ ରୋଷ ସେମାନଙ୍କ ଉପରେ ବର୍ଷିବ । କିନ୍ତୁ ମୋର ଆଶା ଓ ଭଗବାନଙ୍କ ପାଖରେ ମୁଁ ପ୍ରାର୍ଥନା କରିବି ଯେ ସେମିତି କିଛି ନ ଘଟୁ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି । ଟ୍ରମ୍ପ ଅତିରିକ୍ତ ଭାବ ମୋଜତାବାଙ୍କୁ ମଧ୍ୟ ଧମକ ଦେଇଛନ୍ତି । ସେ କହିଛନ୍ତି ଯେ ମୋଜତାବା କେବେ ହେଲେ ବି ଶାନ୍ତିରେ ବଞ୍ଚି ପାରିବେ ନାହିଁ । ଇରାନ ମୋଜତାବାଙ୍କୁ ସୁପ୍ରିମ ଲିଡର ଭାବେ ଚୟନ କରିଥିବାରୁ ଟ୍ରମ୍ପ ଏଥିରେ ଖୁସି ନଥିବା କହିଛନ୍ତି । ମୋଜତାବାଙ୍କ ନିଯୁକ୍ତି ପୂର୍ବରୁ ଟ୍ରମ୍ପ ସଙ୍କେତ ଦେଇଥିଲେ ଯେ ଇରାନର ପରବର୍ତ୍ତୀ ନେତା ଚୟନରେ ଆମେରିକା ହସ୍ତକ୍ଷେପ କରିବ । ଭେନେଜୁଏଲାରେ ଟ୍ରମ୍ପ ଯେଉଁ ଭଳି ପଦକ୍ଷେପ ନେଇଥିଲେ ଇରାନରେ ମଧ୍ୟ ସେମିତି କିଛି କରିବାକୁ ଲକ୍ଷ୍ୟ ରଖିଥିଲେ । ହେଲେ ଇରାନ ନିଜ କ୍ଷମତା ବଳରେ ମୋଜତାବାଙ୍କୁ ଚୟନ କରିଥିବାରୁ ଟ୍ରମ୍ପ ତାଙ୍କୁ ମଧ୍ୟ ଦେଇଛନ୍ତି । ୧୯୬୯ରେ ମାଶହାଦରେ ଜନ୍ମ ଗ୍ରହଣ କରିଥିବା ମୋଜତାବା ଖାମେନେଇ ହେଉଛନ୍ତି ଆମେରିକା-ଇସ୍ରାଏ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ଅଲୀ ଖାମେନେଇଙ୍କ ଦ୍ୱିତୀୟ ପୁଅ । ସେ ଶାହ ମହମ୍ମଦ ରେଜା ପହଲଭୀଙ୍କ ଶାସନ ସମୟରେ ବଡ଼ ହୋଇଥିଲେ । ତାଙ୍କ ବାପା ଅଲୀ ଖାମେନେଇ ରାଜତନ୍ତ୍ରର ତୀବ୍ର ସମାଲୋଚକ ଥିଲେ । ସେ ରାଜତନ୍ତ୍ର ବିରୋଧରେ ରୁହୋଲ୍ଲା ଖୋମେନିଙ୍କ ସହ ହାତ ମିଳାଇଥିଲେ । ୧୯୭୯ ଇରାନ ବିପ୍ଳବର ରାଜତନ୍ତ୍ରର ଲୋପ ହୋଇଥିଲା ଓ ଦେଶରେ ଧାର୍ମିକ ଗଣତନ୍ତ୍ର ଶାସନ ଆରମ୍ଭ ହୋଇଥିଲା । ରୁହୋଲ୍ଲା ଖୋମେନି ଇରାନର ପ୍ରଥମ ସୁପ୍ରିମ ଲିଡର ହୋଇଥିଲେ । ପରବର୍ତ୍ତୀ ସମୟରେ ଖାମେନେଇ ପରିବାର ନୂଆ ଶକ୍ତି କେନ୍ଦ୍ରର ମୂଳକୁ ଦଖଲ କରିଥିଲେ । ୧୯୮୯ରେ ଅଲି ଖାମେନେଇ ଇରାନର ସୁପ୍ରିମ ଲିଡର ହେବା ପରେ ମୋଜତାବା ଇରାନର ଧାର୍ମିକ ଓ ରାଜନୀତିକ କେନ୍ଦ୍ରକୁ ଆସିଥିଲେ । ଅଧିକାଂଶ ରାଜନୀତିକ ପରିବାର ଭଳି କିନ୍ତୁ ୫୬ ବର୍ଷୀୟ ମୋଜତାବା ସର୍ବସମ୍ମୁଖକୁ ଆସୁ ନଥିଲେ । ସେ ସବୁବେଳେ କ୍ୟାମେରା ଆଢୁଆଳରେ ରହୁଥିଲେ । ସେ ପରଦା ପଛରେ ରହି ସବୁ କିଛି କରୁଥିଲେ । ସୁପ୍ରିମ ଲିଡରଙ୍କ ଅଫିସରେ ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ହେଉଥିଲା । ଫେବୃଆରୀ ୨୮ରେ ବାପା ଖାମେନେଇଙ୍କ ମୃତ୍ୟୁ ପରେ ଏବେ ମୋଜତାବା ସୁପ୍ରିମ ଲିଡର ହୋଇଛନ୍ତି । ମୋଜତାବା ଖାମେନେଇ ୧୯୮୭ରେ ଇରାନର ଇସଲାମିକ ମିଲିଟାରୀ ଫୋର୍ସରେ ସାମିଲ ହୋଇଥିଲେ । ଇରାନ-ଇରାକ ଯୁଦ୍ଧର ଶେଷ ପର୍ଯ୍ୟାୟରେ ହିଁ ସେ ବନ୍ଧୁକ ଉଠାଇଥିଲେ । ଯୁଦ୍ଧ ସମୟରେ ସେ ହାବିବ ବାଟାଲିୟନ ପାଇଁ ଲଢ଼େଇ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।

# ଡ୍ରୋନ୍ କମ୍ପାନୀରେ ନିବେଶ କରି ମାଲାମାଲ୍ ହେଉଛନ୍ତି ଟ୍ରମ୍ପଙ୍କ ଦୁଇ ପୁଅ



**ୱାଶିଂଟନ୍(ଏଜେନ୍ସି) :** ବର୍ତ୍ତମାନର ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଓ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବାରକୁ ନେଇ ଏକ ସମ୍ବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି । ଟ୍ରମ୍ପଙ୍କ ଦୁଇ ପୁଅ, ଏରିକ ଟ୍ରମ୍ପ ଓ ଡୋନାଲ୍ଡ ଟ୍ରମ୍ପ ଜୁନିଅର, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ହେଉଥିବା ଅତ୍ୟାଧୁନିକ ଡ୍ରୋନ୍ ପ୍ରସ୍ତୁତକାରୀ କମ୍ପାନୀରେ ଜଣେ ଜଣେ 'ପ୍ରମୁଖ ନିବେଶକ' ବୋଲି ଜଣାପଡ଼ିଛି । ଏହି ଖବର ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି, କାରଣ ଏହା ସରକାରଙ୍କ ସାମରିକ ନୀତି ଏବଂ ରାଷ୍ଟ୍ରପତିଙ୍କ ପରିବାରର ବ୍ୟକ୍ତିଗତ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ଥିବା ସୀମାରେଖାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୋମବାର ଦିନ ଅରିଅସ୍ ଗ୍ରୀନୱେ ହୋଲ୍ଡିଂସ୍ ଇନକର୍ପୋରେଟେଡ୍ (ଏଜିଏଚ୍) ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ଏରିକ ଓ ଡୋନାଲ୍ଡ ଜୁନିଅର ସ୍ୱୟଂଶାସିତ ଡ୍ରୋନ୍ ତିଆରି କରୁଥିବା କମ୍ପାନୀ 'ପାୱାରସ୍' ରେ ବଡ଼ ଧରଣର ନିବେଶ କରିଛନ୍ତି । ଏଥିସହିତ ସେମାନେ ଫ୍ଲୋରିଡାରେ ଗଲ୍ଫ କୋର୍ସ ପରିଚାଳନା କରୁଥିବା ସଂସ୍ଥା ଅରିଅସ୍ ଗ୍ରୀନୱେ ସହ ମଧ୍ୟ ଜଡ଼ିତ ଅଛନ୍ତି ।

# ଲକ୍ଷେ ଦେଇ ସ୍ତ୍ରୀକୁ ମାରିବାକୁ ସୁପାରୀ

**ମୁମ୍ବାଇ (ଏଜେନ୍ସି):** ମହାରାଷ୍ଟ୍ରର ବୁଲଧାନା ଜିଲାରୁ ଏକ ଘଟଣା ସାମ୍ନାକୁ ଆସିଛି ଯାହା ସ୍ୱାମୀ-ସ୍ତ୍ରୀଙ୍କ ପବିତ୍ର ସମ୍ପର୍କକୁ ଲଜ୍ଜିତ କରିଛି । ଜଣେ ଶିକ୍ଷକ ସ୍ୱାମୀ ତାଙ୍କ ନିଜ ସ୍ତ୍ରୀକୁ ହତ୍ୟା କରିବା ଘଟଣା ପୋଲିସକୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି । ପତ୍ନୀ ସ୍କୁଲ ଯାଉଥିବା ସମୟରେ ଏକ ଧଳା ଟାଟା ଇନଟ୍ରା ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରାରମ୍ଭରେ, ଏହା ଏକ ସାଧାରଣ ଦୁର୍ଘଟଣା ପରି ମନେ ହେଉଥିଲା, କିନ୍ତୁ ପୋଲିସ କିଛି ସନ୍ଦେହ କରିଥିଲା । ଯେତେବେଳେ ଧଳା ଟାଟା ଇନଟ୍ରା ଉପରେ ସନ୍ଦେହ ହୋଇଥିଲା । ଘଟଣାଟି ଜଳଗାଓଁର ଜାମୋଦ ତହସିଲର କଭାଥଲ ଗ୍ରାମ ନିକଟରେ ଘଟିଥିଲା । ଯେତେବେଳେ ପୋଲିସ କାର ମାଲିକ ମନୀଷ ସୂର୍ଯ୍ୟବଂଶୀଙ୍କୁ ଅଟକ ରଖି ପଚରାଉଚରା କଲା, ସେତେବେଳେ ଯେଉଁ ସତ୍ୟ ସାମ୍ନାକୁ ଆସିଲା ତାହା ଅତ୍ୟନ୍ତ ଭୟଙ୍କର ଥିଲା । ତଦନ୍ତରୁ ଜଣାପଡିଲା ଯେ ହତ୍ୟାର ମାଷ୍ଟରମାଇଣ୍ଡ ଅନ୍ୟ କେହି ନୁହେଁ ବରଂ ମୃତକଙ୍କ ସ୍ୱାମୀ ପ୍ରକାଶ ଅନନ୍ତ ଗାୱାଣ୍ଡେ ଥିଲେ । ଅଭିଯୁକ୍ତ ସ୍ୱାମୀ ପ୍ରକାଶ ପୂର୍ବରୁ ତାଙ୍କ ସ୍ତ୍ରୀ ବୃଶାଲିଙ୍କୁ ଖାଦ୍ୟରେ ବିଷାକ୍ତ କରି ତିନିଥର ହତ୍ୟା କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସୌଭାଗ୍ୟବଶତଃ ସେ ପ୍ରତ୍ୟେକ ଥର ବଞ୍ଚିଗଲେ । ବିଷାକ୍ତ ଯୋଜନା ବିଫଳ ହେବା ପରେ, ପ୍ରକାଶ ତାଙ୍କ ସାଥୀ ମଙ୍ଗେଶ ଚୁଲକରଙ୍କ ମାଧ୍ୟମରେ ଏକ ଲକ୍ଷ ଟଙ୍କା ପାଇଁ ମନୀଷ ସୂର୍ଯ୍ୟବଂଶୀଙ୍କୁ ଚୁକ୍ତି କରିଥିଲେ । ମନୀଷ ବୃଶାଲିଙ୍କୁ ପିଛା କରିଥିଲେ ଏବଂ ଯୋଜନା ଅନୁଯାୟୀ ତାଙ୍କୁ ପଛରୁ ଆଘାତ କରି ହତ୍ୟା କରିଥିଲେ । ପୋଲିସ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ପ୍ରକାଶ ଗାୱାଣ୍ଡେ, ମଧ୍ୟସ୍ଥି ମଙ୍ଗେଶ ଚୁଲକର ଏବଂ ଡ୍ରାଇଭର ମନୀଷ ସୂର୍ଯ୍ୟବଂଶୀଙ୍କୁ ଗିରଫ କରିଛି ।

## ଆଇନ ଅଦାଲତ

# ମାନବାଧିକାର କମିସନରେ ଖାଲି ପଡିଛି ଅଧ୍ୟକ୍ଷ ଓ ସଦସ୍ୟ ପଦବୀ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା



**କଟକ(ଏନ୍.ଏମ୍.):** ରାଜ୍ୟ ମାନବାଧିକାର କମିସନରେ ଖାଲି ପଡିଥିବା ଅଧ୍ୟକ୍ଷ ଓ ସଦସ୍ୟ, ସଚିବ, ସଚିବ, ତଦନ୍ତ ନିର୍ଦ୍ଦେଶକ ପଦବୀ ଏବଂ କର୍ମଚାରୀ ନିଯୁକ୍ତି ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲଶ ରୁଜୁ ହୋଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ଆଜି ପ୍ରାଥମିକ ଶୁଣାଣି ହୋଇଛି । ଆଡଭୋକେଟ ଜେନେରାଲ ହାଇକୋର୍ଟରେ ହାଜର ହୋଇ କୋର୍ଟଙ୍କୁ ଏହି ପ୍ରସଙ୍ଗରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଆସନ୍ତା ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରି ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ମାନାବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ଦୁଇଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିସନ ଗଠିତ ହୋଇଛି । ଗତ ଫେବ୍ରୁଆରି ୯ ତାରିଖରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶ ତାଙ୍କ କାର୍ଯ୍ୟକାଳ ପୂରା କରିବା ହେତୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ କମିସନ କାର୍ଯ୍ୟ କରୁଛି । ତେଣୁ ତୁରନ୍ତ ଖାଲିପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ମାମଲାରେ ପ୍ରାର୍ଥନା କରାଯାଇଛି । ପୁନଶ୍ଚ ଏହି କମିସନର ପୂର୍ବତନ ସଚିବ ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରେ ଓ ପୂର୍ବତନ ତଦନ୍ତ ନିର୍ଦ୍ଦେଶକ ୨୦୨୪ ମସିହା ମଇ ୩୧ ତାରିଖରେ ଅବସର ନେଇଥିବାରୁ ଖାଲି ପଡ଼ିଥିବା ସଚିବ ଓ ତଦନ୍ତ ନିର୍ଦ୍ଦେଶକ ପଦ ପୂରଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି । ସେହିପରି କମିସନରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନୁମୋଦିତ ପଦବିରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି । ଆବେଦନରେ ଉଲ୍ଲେଖ କରାଯାଇଛି ଯେ କମିସନରେ ବର୍ତ୍ତମାନ ପ୍ରାୟ ଆଠ ହଜାରରୁ ଉର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ିରହିଛି ଏବଂ କମିସନ ଦକ୍ଷତାର ସହିତ କାର୍ଯ୍ୟ କରିବାକୁ ଉପରୋକ୍ତ ପଦ ପୂରଣ କରିବା ଅତ୍ୟନ୍ତ ଜରୁରି ।

## ହରିଶ ରାଣାଙ୍କୁ ୧୩ବର୍ଷର କଷ୍ଟରୁ ମୁକ୍ତି ଦେଲେ ସୁପ୍ରିମକୋର୍ଟ

# ଇଚ୍ଛାମୃତ୍ୟୁ ପାଇଁ ଦେଲେ ମଞ୍ଜୁରୀ



**ନୂଆଦିଲ୍ଲୀ (ଏଜେନ୍ସି) :** ଜୀବନ ଓ ମୃତ୍ୟୁର ସୀମା ରେଖାରେ ୧୩ ବର୍ଷ ଧରି ଛଟପଟ ହେଉଥିବା ଜଣେ ଯୁବକଙ୍କ ପାଇଁ ଶେଷରେ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା ମର୍ମାହତ ଶୁଣାଣି କରିଛନ୍ତି । ଗାଜିଆବାଦର ୩୦ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ''ନିଷ୍କ୍ରିୟ ଇଚ୍ଛାମୃତ୍ୟୁ'' ପାଇଁ ଅନୁମତି ପ୍ରଦାନ କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ । ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସମ୍ବେଦନଶୀଳ ମାମଲାରେ ଶେଷ ନିଷ୍ପତ୍ତି ଶୁଣାଇଛନ୍ତି । ଘଟଣାଟି ଥିଲା ୨୦୧୩ ମସିହାର । ଚଣ୍ଡିଗଡ଼ର ପାଠ ପଢୁଥିବା ମେଧାବୀ ଛାତ୍ର ହରିଶ ନିଜ ହଷ୍ଟେଲର ଚତୁର୍ଥ ମହଲାରୁ ହଠାତ୍ ତଳକୁ ଖସି ପଡ଼ିଥିଲେ । ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା, ଯାହା ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା । ସେବେଠାରୁ ଦୀର୍ଘ ୧୩ ବର୍ଷ ଧରି ହରିଶ ଶଯ୍ୟାଶାୟୀ ହୋଇ ଅଚେତନ ଅବସ୍ଥାରେ ପଡ଼ି ରହିଥିଲେ । ଲଗାତାର ବିଛଣାରେ ପଡ଼ି ରହିବା ଯୋଗୁଁ ତାଙ୍କ ଶରୀରରେ ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା ଏବଂ ସେ ୧୦୦% ଅକ୍ଷମ ହୋଇଯାଇଥିଲେ । ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍ସରୁ ଏକ ବିଶେଷଜ୍ଞ ଦଳ ଗଠନ କରି ହରିଶଙ୍କ ସ୍ୱାସ୍ଥ୍ୟାବସ୍ଥାର ରିପୋର୍ଟ ମାଗିଥିଲେ । ଏମ୍ସର ରିପୋର୍ଟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ଡାକ୍ତରୀ ଦଳ ସ୍ପଷ୍ଟ କରିଥିଲେ ଯେ, ହରିଶଙ୍କ ସୁସ୍ଥ ହେବାର କୌଣସି ସମ୍ଭାବନା ନାହିଁ । ରିପୋର୍ଟ ପଢ଼ିବା ପରେ ଜଷ୍ଟିସ ପାରଦିୱାଲା କହିଥିଲେ, 'ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ରିପୋର୍ଟ । ଜଣେ ବିଚାରପତି ଭାବେ ଏପରି ନିଷ୍ପତ୍ତି ନେବା ଆମ ପାଇଁ ଅତ୍ୟନ୍ତ କଷ୍ଟକର, କିନ୍ତୁ ମାନବିକତା ଦୃଷ୍ଟିରୁ ଏହି ଯନ୍ତ୍ରଣାର ଅନ୍ତ ହେବା ଆବଶ୍ୟକ ।' ଜଣେ ପୁଅକୁ ନିଜ ଆଖି ଆଗରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିବା ଦେଖିବା ପିତାମାତାଙ୍କ ପାଇଁ ସବୁଠାରୁ ବଡ଼ ଦଣ୍ଡ । ହରିଶଙ୍କ ବୃଦ୍ଧ ପିତାମାତା ଶେଷରେ ନିରୁପାୟ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନେ ନିଜ ପୁଅ ପାଇଁ ''ଇଚ୍ଛାମୃତ୍ୟୁ'' ମାଗିଥିଲେ, ଯାହାଦ୍ୱାରା ହରିଶ ଏହି ଜୀବନ୍ତ ନର୍କରୁ ମୁକ୍ତି ପାଇପାରିବେ । ଏବେ ୧୩ ବର୍ଷର ଏହି ଦୀର୍ଘ ପ୍ରତୀକ୍ଷା ଓ ଅସହ୍ୟ ଯନ୍ତ୍ରଣାର ଅନ୍ତ ଘଟିବାକୁ ଯାଉଛି । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ରାୟ ନୁହେଁ, ବରଂ ଜଣେ ଯନ୍ତ୍ରଣାଗ୍ରସ୍ତ ମଣିଷକୁ ସମ୍ମାନର ସହ ବିଦାୟ ଦେବାର ଏକ ମାନବିକ ପ୍ରୟାସ । ହରିଶ ରାଣାଙ୍କ କାହାଣୀ ସାରା ଦେଶକୁ ସ୍ତବ୍ଧ କରିଦେଇଛି ।

# ହାଇକୋର୍ଟରେ ସିସୋର ଚିଟଫଣ୍ଡ ମାମଲା ପୂର୍ବତନ ସାଂସଦ ରବି ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

**କଟକ(ଏନ୍.ଏମ୍.):** ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି । ତାଙ୍କୁ ପୂର୍ବରୁ ମିଳିଥିବା 'ଅନ୍ତରୀଣ ସୁରକ୍ଷା' ଅବଧିକୁ ଆସନ୍ତା ଏପ୍ରିଲ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ହାଇକୋର୍ଟ । ଅନ୍ୟପଟେ ତାଙ୍କ ଠାରୁ ଜବତ କରାଯାଇଥିବା ଦଲିଲ ଓ ଦସ୍ତାବିଜ୍‌ର ଚିଠା ବା ତାଲିକା ଯୋଗାଇଦେବାକୁ କୋର୍ଟ କହିଛନ୍ତି । ଭୁବନେଶ୍ୱର ସିବିଆଇ ଅଦାଲତରେ ଚାଲିଥିବା ସି-ସୋର ଚିଟ୍‌ଫଣ୍ଡ୍ କେଳେଙ୍କାରୀ ମାମଲାରୁ ତାଙ୍କୁ ବାଦ ଦେବା ଲାଗି ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୂଚନାଥାଉକି ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ସେ ହାଇକୋର୍ଟରେ ଆବେଦନ କରିଥିଲେ । ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ବିଜେଡିର ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ । ସିସୋର ଚିଟଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିସୋର୍ ଚିଟ୍‌ଫଣ୍ଡ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସଂସ୍ଥା (ସିବିଆଇ) ଶ୍ରୀ ଜେନାଙ୍କୁ ସମନ କରିଥିଲା । ଏହି ମାମଲାରେ ଶ୍ରୀ ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଶ୍ରୀ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢଉ କରିଥିଲା । ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଶ୍ରୀ ଜେନା ସିବିଆଇରେ ହାଜର ହୋଇନଥିଲେ । ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ ।

# ଜେକେସିଏରେ ୪୩ କୋଟି ଟଙ୍କା ହେରଫେର ମାମଲା ଫାରୁକ୍ ଅବ୍‌ଦୁଲ୍ଲାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା



**ଶ୍ରୀନଗର(ଏଜେନ୍ସି):** ଜାମ୍ମୁ-କାଶ୍ମୀର କ୍ରିକେଟ୍ ଆସୋସିଏସନ୍ (ଜେକେସିଏ)ରେ ୪୩ କୋଟି ଟଙ୍କାର ଆର୍ଥିକ ହେରଫେର ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରିହୋଇଛି । ଗୁରୁବାର ଏହି ପରୱାନା ଶ୍ରୀନଗରର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏହି ପରୱାନା ଜାରି କରିଛନ୍ତି । କାରଣ ଫାରୁକ୍ ଅବଦୁଲ୍ଲା ବ୍ୟକ୍ତିଗତ କିମ୍ବା ଆଭାସୀ ମାଧ୍ୟମରେ ଅଦାଲତରେ ହାଜର ହୋଇନଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରିହୋଇଛି । ଏହି ମାମଲାରୁ ବାଦେବା ଲାଗି ଆବେଦନ କରିଥିବା ମନଝୁର ଗଜନଫର ଅଲୀଙ୍କ ନାମେର ମଧ୍ୟ ଜାମିନ ବିହୀନ ଗିରଫ ପରୱାନା ଜାରିହୋଇଛି । ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୩୦ରେ ହେବ । ଏହିଦିନ ଫାରୁକ୍ ଅବ୍ଦୁଲ୍ଲା ଅଦାଲତରେ ହାଜର ନ ହେଲେ ତାଙ୍କୁ ଗିରଫ କରାଯିବ । ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଫାରୁକ୍ ଅବ୍ଦୁଲ୍ଲା ଜେକେସିଏର ସଭାପତି ଥିଲେ । ଜେକେସିଏକୁ ବିସିସିଆଇ ଦେଇଥିବା ୪୩ କୋଟି ଟଙ୍କାର ଅନୁଦାନ ରାଜ୍ୟର କ୍ରିକେଟ୍ରେ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା । ହେଲେ ସଭାପତି ଫାରୁକ୍ ଓ ଅନ୍ୟମାନେ ଏହାକୁ ଆତ୍ମସାତ୍ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ୨୦୧୫ରେ ଜାମ୍ମୁ-କାଶ୍ମୀର ହାଇକୋର୍ଟ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଥିଲେ । ପରେ ଫାରୁକ୍ ଓ ଅନ୍ୟମାନଙ୍କ ବିରୋଧରେ ୨୦୧୮ରେ ସିବିଆଇ ଚାର୍ଜସିଟ୍ ଦାଖଲ କରି ମାମଲା ଦାଏର କରିଥିଲା । ଏହି ଚାର୍ଜସିଟ୍ରେ ଫାରୁକଙ୍କ ସହ ତତ୍କାଳୀନ ସମ୍ପାଦକ ମହମ୍ମଦ ସଲିମ୍ ଖାଁ, ପୂର୍ବତନ କୋଷାଧ୍ୟକ୍ଷ ଏହ୍ସାନ ଅହମ୍ମଦ ମିର୍ଜା ଓ ଅନ୍ୟ କିଛି ସଦସ୍ୟଙ୍କ ନାମ ମଧ୍ୟ ରହିଥିଲା ।

# ରାଜ୍ୟରେ ୩ ଲକ୍ଷ ୧୧ ହଜାର ୬୯୦ ମାମଲା ଫଏସଲା

**କଟକ(ଏନ୍.ଏମ୍.):** ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୩ ଲକ୍ଷ ୧୧ ହଜାର ୬୯୦ ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଛି । ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି ।

ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସାରା ରାଜ୍ୟରେ ୩,୧୧,୬୯୦ ମାମଲାର ଫଏସଲା କରାଯାଇ ଜରିମାନା ଓ କ୍ଷତିପୂରଣ ବାବଦରେ ୧୬୬ କୋଟି ୨୩ ଲକ୍ଷ ୧୩ ହଜାର ୯୨୫ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଲୋକ ଅଦାଲତରେ ଉଭୟ ବିଚାରାଧୀନ ଓ ପ୍ରକ୍-ମୋକଦ୍ଦମା ସ୍ତରୀୟ ସମାଧାନ ଯୋଗ୍ୟ ମାମଲାର ଫଏସଲା କରାଯାଇଛି । ଫଏସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୦୬ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ୨୦ଟି ପ୍ଲି ବାର୍ଗେନିଂ ମାମଲା, ୧୭୯୯ଟି ଚେକ୍ ବାଉନ୍ସ (ଏନଆଇ ଆକ୍ଟର ଧାରା ୧୩୮), ୪୭୧ଟି ଅର୍ଥ ଆଦାୟ (ମନି ରିକଭରି) ମାମଲା, ୯୨୮ଟି ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ୯୬୮ଟି କମ୍ପାଉଣ୍ଡେବଲ ଟ୍ରାଫିକ ଚାଲାଣ, ୪୮ଟି ଶ୍ରମ ବିବାଦ, ୬ଟି ବିଦ୍ୟୁତ, ଜଳ ସଂପର୍କିତ ଜନସେବା ମାମଲା, ୪୬୭ଟି ପାରିବାରିକ ଓ ବେ ?ବାହିକ ବିବାଦ, ୨ଟି ଭୂ-ଅର୍ଜନ ମାମଲା, ୮ଟି ଚାକିରି (ପେନସନ ଅନ୍ତର୍ଭୁକ୍ତ) ମାମଲା, ୨୮୧୬୧୨ଟି ରାଜସ୍ୱ ଓ ଏ ସଂକ୍ରାନ୍ତୀୟ ଅନ୍ୟ ମାମଲା, ୧୭ଟି ଆଇପିଆର/ଉପଭୋକ୍ତା ବିବାଦ, ୧୫୬୬ଟି ଅନ୍ୟାନ୍ୟ ଦେୱାନୀ, ୧୩୧୬୭ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା, ୭ଟି ଡେବ୍ଟ ରିକଭରି ଟ୍ରିବ୍ୟୁନାଲ (ଡିଆରଟି) ମାମଲା, ୬ଟି ରାଜ୍ୟ ଖାଉଟି ବିବାଦ ସମାଧାନ କମିସନ ମାମଲା, ୩ଟି ଶ୍ରମ ଅଦାଲତ ମାମଲା, ୧୨ଟି ଶିଳ୍ପ ଟ୍ରିବ୍ୟୁନାଲ ମାମଲା ଅନ୍ତର୍ଭୁକ୍ତ ।



ସମ୍ପାଦକୀୟ

## ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱ ପ୍ରଭାବିତ

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ଇତିମଧ୍ୟରେ ଏକ ସପ୍ତାହ ହେଲାଣି । ଏଭଳି ତୀବ୍ର ଆଧୁନିକ ଯୁଗର ଯୁଦ୍ଧରେ ଏହା ଦୀର୍ଘସମୟ ବୋଲି କୁହାଯାଉଛି, ବିଶେଷକରି ଯେହେତୁ ଆମେରିକା ସମ୍ପୃକ୍ତ ଅଛି । କେବଳ ଇରାନରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ଯୁଦ୍ଧର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକ ଉପରେ ପଡ଼ିଛି । ଏଥିଯୋଗୁ ତୈଳ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜିଥିବାରୁ ଅନ୍ତର୍ଜାତୀୟସ୍ତରରେ ତୈଳ ଦର ଅସମ୍ଭାଳ ଭାବେ ବଢ଼ିଚାଲିଛି । ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୨ ଡଲାର ଥିବା ବେଳେ ଏହା ୯୨ ଡଲାର ଅତିକ୍ରମ କରିଯାଇଛି । ସପ୍ତାହକ ମଧ୍ୟରେ ଏହି ଦର ୧୫୦ ଡଲାରରେ ପହଞ୍ଚିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କଲେଣି । ଏହି ପରିପ୍ରେକ୍ଷୀରେ ଭାରତର ତୈଳ କ୍ରୟ ପ୍ରସଙ୍ଗ ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି । ୬ ମାର୍ଚ୍ଚରେ ରୁଷୀୟ ତୈଳ କିଣିବା ଲାଗି ଭାରତକୁ ୩୦ ଦିନିଆ ଅନୁମତି ଦେଇ ଆମେରିକା ନିଜର ପ୍ରଭୁତ୍ୱ ବିସ୍ତାର କରିଛି । ବିଶ୍ୱର ତୈଳ ଯୋଗାଣ ପଥ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ସକାଶେ ସାମୟିକ ଭାବେ ଏଭଳି ରିହାତି ଦିଆଯାଇଥିବା ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିବା ବେଳେ ଭାରତୀୟଙ୍କୁ ଭଲ ଅଭିନୟକାରୀ ଭାବେ ଅଭିହିତ କରିଛନ୍ତି । ତେବେ ଆମେରିକାର ସରକାରୀ ଅଧିକାରୀ କେତେ ଜଣ ଓ କେଉଁ ପ୍ରକାରର ଭାରତୀୟଙ୍କୁ ଭେଟିକରି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ପ୍ରଶ୍ନ କରାଯାଇପାରେ । କୌଣସି ଦେଶର ନେତା କିମ୍ବା ନାଗରିକଙ୍କୁ ଆକ୍ଟର ବା ଅଭିନୟକାରୀ କହିବା ଉଭୟ ତାଚ୍ଛଲ୍ୟ ବା ଅସମ୍ମାନକୁ ସୂଚାଉଛି । ଆମେରିକା କହିବାରୁ ରୁଷିଆରୁ ଭାରତ ତୈଳ ଆମଦାନୀ ବନ୍ଦ କରିଥିଲା । ଏବେ ସାମୟିକ ଅସୁବିଧା ଦେଖାଦେଇଥିବାରୁ ରୁଷୀୟ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଛି ବୋଲି ବେସେଣ୍ଟ କହିଛନ୍ତି । ଏଠାରେ କୁହାଯାଇପାରେ, ଆମେ କେଉଁ ତେଲ ବ୍ୟବହାର କରିବୁ, କେଉଁ ସାବୁନ ଦେହରେ ଲଗାଇବୁ ବା କେଉଁ ଖାଦ୍ୟ ଖାଇବୁ ତାହାର ନିର୍ଦ୍ଧାରଣ ପଡ଼ୋଶୀ ଯଦି କରିବ, ତେବେ ଆମକୁ ଯେମିତି ବାଧିବ ସେହିଭଳି ଆମେରିକାର କଥା ପ୍ରତ୍ୟେକ ଭାରତୀୟଙ୍କୁ ମଧ୍ୟ ବାଧିବ । ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନଥିଲା । କୂଟନୀତିକୁ ଭାରତ ସଫଳତାର ସହ ପ୍ରୟୋଗ କରିପାରୁ ନ ଥିବାରୁ ଆଜି ଅବସ୍ଥା ଏହିସ୍ତରକୁ ଆସିଯାଇଛି । ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏପରି ଭାବେ ଅନ୍ୟ ଦେଶ ପାଖରେ ଆତ୍ମସମର୍ପଣ କରିଦେବା ଦେଶବାସୀଙ୍କୁ ବ୍ୟଥିତ କରିଛି । ସାମ୍ରାଜ୍ୟବାଦୀ ଶକ୍ତିକୁ ହଟେଇବା ଦିଗରେ ଅତୀତରେ ଅନେକ ମହାମନୀଷୀ ବହୁବିଧ ପଦକ୍ଷେପ ନେଇ ଦେଶକୁ ସ୍ୱାଧୀନ କରିଥିଲେ । ଏବକାର ସ୍ଥିତିରେ ଦାଣ୍ଡ ଆଭିମୁଖ୍ୟ ରଖିପାରୁ ନଥିବାରୁ ଅନ୍ତର୍ଜାତୀୟସ୍ତରରେ ଭାରତକୁ କଣ୍ଢେଇ ଭଳି ନଚାଇବାକୁ ପାଶ୍ଚାତ୍ୟ ରାଷ୍ଟ୍ର ସାହସ କରୁଛି ବୋଲି କୁହାଗଲାଣି । ଭାରତର ବାହ୍ୟ ସ୍ଥିତି ଏଭଳି ଅବସ୍ଥାରେ ଥିବାବେଳେ ଆଭ୍ୟନ୍ତରୀଣ ଦୃଶ୍ୟପଟକୁ ଦେଖିଲେ ଏକ ଅସ୍ୱାଭାବିକ ଘଟଣା ନଜରକୁ ଆସିଛି । ୭ ମାର୍ଚ୍ଚରେ ପଶ୍ଚିମବଙ୍ଗର ଗୋସାଇପୁରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତ କରି ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହି ସମୟରେ ସେ ଆୟୋଜିତ ସାନ୍ତାଳ ସମ୍ମିଳନୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଏହା ପ୍ରଥମେ ବିଧାନନଗରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । କେଉଁଥିପାଇଁ ତାହା ଗୋସାଇପୁରକୁ ସ୍ଥାନାନ୍ତର ହେଲା ସେଥିନେଇ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ । ବିଧାନନଗରରେ ସମ୍ମିଳନୀ ଆୟୋଜିତ ହୋଇଥିଲେ ଅଧିକ ଲୋକ ହୋଇଥାଆନ୍ତେ । କାରଣ ଏହା ଏକ ବଡ଼ ଜାଗା ଥିଲା । ଗୋସାଇପୁରରେ ଏହା ହୋଇଥିବାରୁ ଅଧିକ ଲୋକ ଯୋଗ ଦେଇ ନାହାନ୍ତି ବୋଲି ରାଷ୍ଟ୍ରପତି କହିଥିଲେ । ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ପ୍ରଦାନ ଦେଶବାସୀଙ୍କୁ ଦୁଃଖିତ କରିଛି । ଯିଏ ଯେଉଁପଟୁ ଦେଖି ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ଟିପ୍ପଣୀ ଦେବାର ସୁଯୋଗ ପାଇଯାଇଛନ୍ତି । ହୁଏତ ନିକଟରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ସେହି ରାଜ୍ୟକୁ ଗସ୍ତ କରିବାକୁ ଅସ୍ୱୀକାର କରିବାର ଥିଲା । ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ଗତ କିଛି ବର୍ଷ ହେବ ଯେତେବେଳେ କେନ୍ଦ୍ର ସରକାରଙ୍କୁ କୌଣସି କ୍ଷେତ୍ରରେ ଅପ୍ରୀତିକର ସ୍ଥିତିର ସାମ୍ନା କରିବାକୁ ପଡୁଛି ସେତେବେଳେ ତାହାକୁ ଅଣଦେଖା କରାଯାଇ ଅନ୍ୟ ଏକ ପ୍ରସଙ୍ଗକୁ ଟିଆଁଇ ଦିଆଯାଉଛି । ଏକ ସୁଶାସନର ଏହା ଲକ୍ଷଣ ନୁହେଁ ବୋଲି କୁହାଯାଇପାରେ । ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍କ୍ଷଣାତ୍ ବାହାର କରାଯିବା କଥା । ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ । ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା ।

✸ ✸ ✸

## କବିତା ଗୁଚ୍ଛ

### ସତ ସଂକଳ୍ପ

ଭାରତ ସଂସ୍କୃତି ଶୁଦ୍ଧତା ଦିବ୍ୟତା
ସୁନ୍ଦର ତା ସମକ୍ଷହାର
ସତ ସଂକଳ୍ପ ଟି ଅଟଇ ତାହାର
ଜନ୍ମର ମୂଳାଧାର ।
ଏ ଦେଶେ ଜନମି ଧନ୍ୟ ମଣଇ
ଧନ୍ୟ ମାନବ ଜାତି
ହିଂସ୍ରତା ଛାଡି ସତ ସଂକଳ୍ପରେ
ସର୍ବଦା ହୁଅ ବ୍ରତି ।
ଏତେ ବଡ଼ ବିଶ୍ୱେ କ୍ଷୁଦ୍ରକ୍ଷତୀକ୍ଷୁଦ୍ର
ଅଟଇ ମୁଁ ଏକ ଜୀବ
କ୍ଷଣ ମାତ୍ର ଏହି ଜୀବନ ତରଙ୍ଗ
କିମ୍ପା କ୍ରୋଧ ଏହି ଭ୍ୱ ।
ସ୍ମଶାନ ରେ ଦେଖ ଜଳୁଅଛି ଜୁଇ
ସ୍ୱର୍ଗକୁ ଫିଟିଛି ଦ୍ୱାର
ଆମେ କାହିଁପାଇଁ ନିଷ୍ଠୁରତା ହୋଇ
ନରକେ କରିବା ଘର ।

ଜାଗ ଜାଗ ସର୍ବେ ହେ ବିଶ୍ୱ ବାସି
ନିଜର ଜୁଇ କୁ ଦେଖ
ପ୍ରେକ୍ଷାଳୟେ ଯଥା ଚାଲୁଛି ସିନେମା
ସେ ଭିଡ଼ କୁ ଥରେ ଚାଖ ।
ମାତି ଉଠ ସର୍ବେ ସତ ସଂକଳ୍ପରେ
ଏକତା ବଜାୟ ରଖ
ଏକତା ର ସ୍ୱାଦ କେତେଯେ ମଧୁର
ତାକୁ ଥରେ ତୁମେ ଚାଖ ।
ହିଂସା ଲୋଭ ମୋହ ଠାରୁ ତ ଦୁରାଅ
ଧନୀ ଗରିବର ସ୍ଥାନ
ସେ ସ୍ମଶାନ ଭୂମି ସରବେ ଜଳିବେ
ଭସ୍ମ ରେ ହେବେ ଲୀନ ।
ଯୁଦ୍ଧ୍ୟ କୁ ହଟାଅ ଶାନ୍ତି ଆଚରଣେ
ପବିତ୍ରତା ଆଣ ମନ
ଜାଗିଉଠ ସର୍ବେ, ସର୍ବେ ଭାଇ ଭାଇ
ସତ ସଂକଳ୍ପେ ରଖ ଧ୍ୟାନ କ୍ଷ

ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା , ନିଆଳି, କଟକ

# ଭାରତ-ଇସ୍ରାଏଲ ସମ୍ପର୍କ
# ରଣ ନୈତିକ ସ୍ୱାୟତ୍ତତା ସହ ସନ୍ତୁଳିତ ପଶ୍ଚିମ ଏସିଆ ନୀତି

ଇସ୍ରାଏଲ ସହିତ ଭାରତର ସାମ୍ପ୍ରତିକ ଉଚ୍ଚସ୍ତରୀୟ ସମ୍ପର୍କ ପଶ୍ଚିମ ଏସିଆରେ ଏହାର ହେଉଥିବା ପ୍ରସାରର ଏକ ଅଂଶ ଯାହା ସ୍ୱାଧୀନତା ଏବଂ ଜାତୀୟ ସ୍ୱାର୍ଥ ରଖୁଥିବା ବୈଦେଶିକ ନୀତିକୁ ପ୍ରତିଫଳିତ କରେ । ଏହି ଗସ୍ତ ଭାରତର ଦୀର୍ଘ ସ୍ଥାୟୀ ରଣନୈତିକ ସ୍ୱାୟତ୍ତତା ନୀତିକୁ ଗୁରୁତ୍ୱାରୋପ କରେ, ଯାହା ଦର୍ଶାଏ ଯେ, ଏହାର ଅନ୍ତର୍ଜାତୀୟ ସହଭାଗୀତା ବ୍ଲକ ରାଜନୀତି କିମ୍ବା ଆଦର୍ଶଗତ ସମନ୍ୱୟ ଦ୍ୱାରା ନୁହେଁ ବରଂ ବାସ୍ତବବାଦୀ ଜାତୀୟ ପ୍ରାଥମିକତା ଦ୍ୱାରା ପରିଚାଳିତ । ଭାରତ ପାଲେଷ୍ଟାଇନ, ୟୁନାଇଟେଡ୍ ଆରବ ଏମିରେଟ୍ସ, ସାଉଦିଆରବ ଏବଂ ଇରାନ ସମେତ ଅନେକ ଦେଶ ସହିତ ଦୃଢ଼ ଏବଂ ଗଠନମୂଳକ ସମ୍ପର୍କ ବଜାୟ ରଖିଆସିବା ସହିତ ଇସ୍ରାଏଲ ସହିତ ସମ୍ପର୍କକୁ ମଜବୁତ କରୁଛି । ନିଷ୍ପତ୍ତି ନେବାର ସ୍ୱାୟତ୍ତତାକୁ ବଜାୟ ରଖିବା ସହିତ ଏହି ବହୁ-ଦିଗୀୟ ବିଦେଶ ନୀତି ଦ୍ୱାରା ଭାରତ ତାର ବିଶ୍ୱସ୍ତରୀୟ ସ୍ଥିତିକୁ ସୁଦୃଢ଼ ଏବଂ ନିର୍ଭରଶୀଳତା ବିନା ସହଭାଗୀତା ଗଠନକୁ ନିଶ୍ଚିତ କରିଥାଏ ।

ଇସ୍ରାଏଲ ସହିତ ସମ୍ପର୍କ ମୂଳତଃ ଲୋକ-କୈନ୍ଦ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟସେବା ଏବଂ ନବସୃଜନ କ୍ଷେତ୍ରରେ ବ୍ୟବହାରିକ ସହଯୋଗ ମାଧ୍ୟମରେ ଜୀବନକୁ ଉନ୍ନତ କରିବା ଉପରେ କେନ୍ଦ୍ରିତ । କୃଷି ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ ଅନେକ ଭାରତୀୟ ରାଜ୍ୟରେ ଇସ୍ରାଏଲର ବୁନ୍ଦା ଜଳସେଚନ, ମରୁଭୂମି ଚାଷ ଏବଂ ଜଳ ପୁନଃ ବ୍ୟବହାର ପ୍ରଯୁକ୍ତି ବିଦ୍ୟାର ରୀତି ପ୍ରୟୋଗ ହୋଇ ସାରିଛି । ଷ୍ଟାର୍ଟଅପ, ଆର୍ଟିଫିସିଆଲ, ଇଣ୍ଟେଲିଜେନ୍ସ, ସାଇବର ସୁରକ୍ଷା ଏବଂ ଚିକିତ୍ସା ଗବେଷଣାରେ ସହଯୋଗ ପାଇଁ ଭାରତୀୟ ଯୁବପିଢ଼ି, ଉଦ୍ୟୋଗୀ ଏବଂ କୃଷକମାନେ ଲାଭବାନ ହୋଇପାରିଛନ୍ତି । ଜଳ ସଂରକ୍ଷଣ ଏବଂ ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର, ଭାରତୀୟ ଷ୍ଟାର୍ଟଅପମାନଙ୍କୁ ସମର୍ଥନ କରୁଥିବା ନବସୃଜନ ସହଭାଗୀତା ଏବଂ ବିସ୍ତୃତ ଗବେଷଣା ସହଯୋଗ ସିଧାସଳଖ ଭାବେ ଚାକିରି ସୃଷ୍ଟି ଏବଂ ଦକ୍ଷତା ବିକାଶକୁ ସହାୟତା କରେ । ତେଣୁ ଏହି ଗସ୍ତ ପ୍ରତୀକାତ୍ମକ କୂଟନୀତି ବଦଳରେ ନାଗରିକମାନଙ୍କ ପାଇଁ ମାପଯୋଗ୍ୟ ଫଳାଫଳ ପ୍ରଦାନ କରୁଥିବା ସହଯୋଗକୁ ଉଜ୍ଜ୍ୱଳ କରିଥାଏ । ସେହିସମୟରେ ଇସ୍ରାଏଲ ସହିତ ଭାରତର ସମ୍ପର୍କ ତାହାର ମାନବିକ ପ୍ରତିବଦ୍ଧତା କିମ୍ବା ଆଞ୍ଚଳିକ ପ୍ରସଙ୍ଗ ଉପରେ ଥିବା ସମତୌଲତା ଓ ନୈତିକ ମତାଭିମତକୁ କମାଏ ନାହିଁ । ଭାରତ ନିରନ୍ତର ଭାବରେ ପଶ୍ଚିମ ଏସିଆରେ ମାନବିକ ସହାୟତା, ସାଧାରଣ ଲୋକଙ୍କ ସୁରକ୍ଷା ଯୁଦ୍ଧବିରତି ପ୍ରୟାସ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟା ସମାଧାନକୁ ସମର୍ଥନ କରିଆସିଛି । ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଆଲୋଚନା ଏବଂ ପାରସ୍ପରିକ ବୁଝାମଣାକୁ ସମର୍ଥନ କରୁଥିବା ଏହାର ଐତିହାସିକ ସ୍ଥିତି ଅପରିବର୍ତ୍ତିତ ରହିଛି । ତେଣୁ ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କକୁ କୌଣସି ସଂଘର୍ଷର ସମର୍ଥନ ଅପେକ୍ଷା ଗଠନମୂଳକ ରାଷ୍ଟ୍ରନୀତି ଭାବେ ବୁଝିବା ଉଚିତ । ଭାରତର ଆଭିମୁଖ୍ୟ ନୈତିକ ସମନ୍ୱୟକୁ ପ୍ରତିଫଳିତ କରେ ଅର୍ଥାତ ସମସ୍ତ ପକ୍ଷ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିସ୍ଥିରତା, ଶାନ୍ତି ଏବଂ ମାନବିକ ସହାୟତାକୁ ସମର୍ଥନ କରିବା । ଭାରତର ପଶ୍ଚିମ ଏସିଆ ନୀତି ବ୍ୟାପକ ଏବଂ ବାସ୍ତବବାଦୀ, ଯାହା କେବଳ ଗୋଟିଏ ଦେଶକୁ ନୁହେଁ, ସମଗ୍ର ଅଞ୍ଚଳକୁ ଧ୍ୟାନରେ ରଖି ଗଠିତ । ଇସ୍ରାଏଲ ସହିତ ଦୃଢ଼ ସମ୍ପର୍କ ଥିବା ସହିତ ଭାରତ ସଂଯୁକ୍ତ ଆରବ ଏମିରେଟ୍ସ ଓ ସାଉଦି ଆରବ ପରିଉପସାଗରୀୟ ଦେଶଗୁଡ଼ିକ ସହିତ ମଧ୍ୟ ଦୃଢ଼ ସମ୍ପର୍କ ରଖିଛି । ଏହା ସହିତ କାତାର, ଓମାନ ଏବଂ ଇରାନ ସହିତ ମଧ୍ୟ ସକ୍ରିୟ ସମ୍ପର୍କ ରଖୁଛି । ଶକ୍ତି ସୁରକ୍ଷା, ବାଣିଜ୍ୟ ଭାଗିଦାରି, ପ୍ରବାସୀ ଭାରତୀୟଙ୍କ କଲ୍ୟାଣ ଏବଂ ରଣନୈଅତିକ ସଂଯୋଗୀକରଣ ମୁଖ୍ୟ ପ୍ରାଥମିକତା ରହିଛି । ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଭାରତୀୟ ପ୍ରବାସୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି, ଭାରତର ଶକ୍ତି ଆମଦାନୀ ଆବଶ୍ୟକତା ଏବଂ ଭାରତ-ମଧ୍ୟପ୍ରାଚ୍ୟୟୁରୋପ ଅର୍ଥ ନୈତିକ କରିଡର ଭଳି ସଂଯୋଗୀକରଣ ପଦକ୍ଷେପ ଏହି ସମ୍ପର୍କର ବ୍ୟାପକତାକୁ ଦର୍ଶାଏ । ତେଣୁ ଇସ୍ରାଏଲ ଗସ୍ତକୁ ଭାରତର ବିସ୍ତୃତ ଅଞ୍ଚଳର ସମ୍ପର୍କର ଏକ ଅଂଶ ଭାବେ ବୁଝିବା ଉଚିତ, ଏହା ପୂର୍ବରୁ ଥିବା କୌଣସି ନୀତିରୁ ପ୍ରସ୍ଥାନ ନୁହେଁ । ଶେଷରେ ଏହିଗସ୍ତକୁ ଭାରତର ବୈଦେଶିକ ନୀତିରେ କୌଣସି ନୂତନ ପରିବର୍ତ୍ତନ ଭାବେ ନୁହେଁ ବରଂ ଚାଲୁଥିବା ନୀତିର ଅବ୍ୟାହତତା ଭାବେ ଦେଖିବା ଉଚିତ । ଭାରତ ଏବଂ ଇସ୍ରାଏଲ ମଧ୍ୟରେ କୂଟନୈତିକ ସମ୍ପର୍କ ଆନୁଷ୍ଠାନିକ ଭାବରେ ୧୯୯୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସେଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସରକାର ଓ ରାଜନୈତିକ ପ୍ରଶାସନ ସମୟରେ ଏହି ସହଯୋଗ ନିରନ୍ତର ଭାବେ ବଢ଼ିଛି । ପ୍ରତିରକ୍ଷା ସାମଗ୍ରୀ କ୍ରୟ, ମିଳିତ ଗବେଷଣା ପ୍ରୟାସ, କୃଷି ସହଯୋଗ ଏବଂ ପ୍ରଯୁକ୍ତିବିଦ୍ୟା ବିନିମୟର ଗଭୀର ସାଂଗଠନିକ ମୂଳ ତିନି ଦଶନ୍ଧିରୁ ଅଧିକ ସମୟ ଧରି ରହିଛି । ଭାରତ-ଇସ୍ରାଏଲ ସମ୍ପର୍କର ଗତିପଥ ଦ୍ୱିପାକ୍ଷିକ ସମର୍ଥନ ଏବଂ ପାରସ୍ପରିକ ଲାଭ ଉପରେ ଆଧାରିତ ଏକ ଦୀର୍ଘ କାଳୀନ ସହଭାଗିତାକୁ ପ୍ରତିଫଳିତ କରେ । ଏହି ପରିପ୍ରେକ୍ଷୀରେ, ସାମ୍ପ୍ରତିକ ଗସ୍ତକୁ ଦୁଇ ଦେଶ ମଧ୍ୟରେ ଚାଲୁଥିବା ସହଯୋଗର ସ୍ୱାଭାବିକ ଅଗ୍ରଗତି ଭାବେ ବୁଝିବା ଉଚିତ, ଯାହା ଭାରତର ଦୀର୍ଘସ୍ଥାୟୀ କୌଶଳଗତ ଲକ୍ଷ୍ୟ ସହିତ ସମନ୍ୱୟରେ ଅଛି ।

✸

- ଇନସା ଓ୍ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ଣ୍ଣାଲିଜମ ଷ୍ଟଡିଜ
ଜାମିଆ ମିଲିଆ ଇସଲାମିଆ

# କୃତ୍ରିମ ବୁଦ୍ଧିମତ୍ତା କ'ଣ ମଣିଷକୁ ଅଳସୁଆ କରୁଛି




ଆଜିକାଲି ଆମ୍ଭେମାନେ ଏମିତି ଏକ ଯୁଗରେ ବାସ କରୁଛୁ, ଯେଉଁଠି ଭାବିବା ପୂର୍ବରୁ ଉତ୍ତର ମିଳି ଯାଉଛି । କ'ଣ ଖାଇବୁ, କ'ଣ ପିନ୍ଧିବୁ , କୁଆଡେ ବୁଲିବାକୁ ଗଲେ ଭଲ ହେବ, ଆୟକର କିଭଳି ଜମା କରିବାକୁ ହେବ, ଅଫିସର ପ୍ରେଜେଣ୍ଟେସନ ବା ସନ୍ତାନର ହୋମୱାର୍କ, ଏମିତିକି ପ୍ରେମପତ୍ର ବା ବିବାହ ବାର୍ଷିକୀର ଶୁଭେଚ୍ଛାବାର୍ତ୍ତା କେମିତିକା ହେବ; ସବୁ କିଛି ପାଇଁ ହାତ ବଢ଼େଇଲେ କୃତ୍ରିମ ବୁଦ୍ଧିମତା ଆସି ହାଜର ହୋଇଯିବ । ଚ୍ୟାଟ ଜିପିଟି, ଜେମିନି, କୋପାଇଲଟ-ଏ ସବୁ ଯେମିତି ଆମ୍ଭମାନଙ୍କର ମସ୍ତିଷ୍କର ଏକ୍ସଟେନସନ । ସୁବିଧା ଅବଶ୍ୟ ରହିଛି , ସମୟ ତ ବଞ୍ଚେ, କ୍ଷିପ୍ର ଗତିରେ କାର୍ଯ୍ୟ ହୁଏ । କିନ୍ତୁ ପ୍ରଶ୍ନଟି ଅନ୍ୟ ଜାଗାରେ । ଏଇ ଦ୍ରୁତତାର ଦୌଡ଼ରେ ଆମ୍ଭେମାନେ କଣ ଧୀରେ ଧୀରେ ପଡିଛନ୍ତି ? ଭାବିବା, ବିଶ୍ଲେଷଣ କରିବା, ଭୁଲ କରିବା, ପୁଣି ଶିଖିନେବା -ଏଇ ସ୍ୱାଭାବିକ ମାନସିକ ପ୍ରକ୍ରିୟାଗୁଡିକ କଣ ଟିକିଏ ଟିକିଏ କରି ପଛେଇ ପଡିଛି ?

କଲେଜରେ ପାଠ ପଢୁଥିବା ଜଣେ ଛାତ୍ରର କଥା ଏଠି ଉଲ୍ଲେଖ କରୁଛି । ପରୀକ୍ଷା ଆଗରୁ ସେ ନିଜେ ଆଉ ନୋଟ ତିଆରି କରେନା । ଯେ କୋଣସି ପ୍ରଶ୍ନ ତା ମୁଣ୍ଡରେ ଢୁକିଲେ, ଏହାର ଉତ୍ତର ପାଇଁ ସେ ସିଧା ସଳଖ ଏ.ଆଇ. କୁ ଉତ୍ତର ପଚାରେ । ଫଳାଫଳ ଓ ତଥ୍ୟ ଠିକ ଭାବେ ପାଇଯାଏ; କିନ୍ତୁ ସେ କିଛି ମନେ ରଖି ପାରେନା । ପଢ଼ାରେ ତାର ମନ ଲାଗେନା, ମନଯୋଗ ଭାଙ୍ଗିଯାଏ; ପରୀକ୍ଷା ହଲରେ ମୁଣ୍ଡ ଫାଙ୍କା ହୋଇଯାଏ । ଆଉ ଜଣେ ମଧ୍ୟ ବୟସୀ କର୍ପୋରେଟ କର୍ମୀ ତାଙ୍କ ଅନୁଭୂତି ବାଣ୍ଟିବାକୁ ଯାଇ କହିଛନ୍ତି ଯେ; ପୂର୍ବରୁ ସେ ନିଜେ ପରିକଳ୍ପନା କରୁଥିଲେ , ଯଥା -ଘରର ମାସିକିଆ ଖର୍ଚ୍ଚ, ଯୋଗାଯୋଗ , ଛୁଟିରେ ଭ୍ରମଣ ଇତ୍ୟାଦି । କିନ୍ତୁ ସାମ୍ପ୍ରତିକ ସମୟରେ ସେ ଭୁଲି ଯାଉଛନ୍ତି ଛୋଟ ଛୋଟ କଥା , ସିଦ୍ଧାନ୍ତ ନେବାବେଳେ ସେ ଦ୍ୱନ୍ଦ୍ୱରେ ପଡିଯାଉଛନ୍ତି । ଆଉ ଜଣେ ଷାଠିଏରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯିଏ କି ନୂତନ ପ୍ରଯୁକ୍ତି ସହ ତାଳ ମିଳେଇ ଚାଲିବାକୁ ବେଶ ପସନ୍ଦ କରନ୍ତି, ସେ ତାଙ୍କର ଦୈନନ୍ଦିନ ସ୍ୱାସ୍ଥ୍ୟ, ଔଷଧ, ଡାଏଟ, ସବୁକିଛି ଏ. ଆଇ. କୁ ପଚାରି ବୁଝି ନିଅନ୍ତି । ଏ.ଆଇ. ପରାମର୍ଶ ଭିତ୍ତିରେ ଔଷଧ ଖାଇ ବିପାକରେ ପଡିଯାନ୍ତି, ତାଙ୍କୁ ମେଡିକାଲରେ ଆଡିମିଶନ ନେବାକୁ ପଡେ ।

ଏଇ ଘଟଣା ଗୁଡିକ ବିଚ୍ଛିନ୍ନ ନୁହେଁ । ବୟସ ଅଲଗା, ପେଶା ଅଲଗା, କିନ୍ତୁ ସମସ୍ୟାର ମୂଳ କଥାଟି ପ୍ରାୟ ଏକା । ସମସ୍ୟା କେବଳ ଭୁଲିଯିବାକୁ ନେଇ ନୁହେଁ, ମନଯୋଗ ଆଉ ଆତ୍ମବିଶ୍ୱାସର ବି । ଯେତେବେଳେ ଆମ୍ଭେମାନେ ସବୁ ପ୍ରଶ୍ନର ଉତ୍ତର ବାହାରେ ଖୋଜିବାରେ ଅଭ୍ୟସ୍ତ ହୋଇଯାଇଛୁ, ନିଜ ଭିତରେ ଥିବା ବିଚାର ବୁଦ୍ଧି ଅଳସୁଆ ହୋଇଯାଇଛି । ପୂର୍ବରୁ ଯେଉଁ କାମ ମୁଣ୍ଡ ଖଟେଇ କରୁଥିଲୁ , ବର୍ତ୍ତମାନ ସମୟରେ ସେଇ ଦାୟିତ୍ୱ ଯନ୍ତ୍ର ଉପରେ ଲଦି ଦେଇଛୁ । ଧୀରେ ଧୀରେ , 'ମୁଁ ଏସବୁ କରିପାରିବି ।'- ଏଇ ବିଶ୍ୱାସ ଦୁର୍ବଳ ହେବାରେ ଲାଗିଛି । ଏହା ସହିତ ଯୁକ୍ତ ହୋଇଛି ତଥ୍ୟର ଭିଡ । ଏ ଆଇ ଖୁବ ଆତ୍ମବିଶ୍ୱାସର ସହିତ ଉତ୍ତର ଦିଏ । କିନ୍ତୁ ସବୁ ଉତ୍ତର ଯେ ଠିକ ତାହାର ଗ୍ୟାରେଣ୍ଟି କିଏ ଦେବ ? ଭୁଲ , ଅସମ୍ପୂର୍ଣ୍ଣ ତଥ୍ୟ ଅଥବା ପ୍ରେକ୍ଷାପଟବିହୀନ ପରାମର୍ଶ ଅନେକ ସମୟରେ ମନୁଷ୍ୟକୁ ବିଭ୍ରାନ୍ତ କରେ । କିନ୍ତୁ ଆମ୍ଭେମାନେ ଆଖିବୁଜି ଏହାକୁ ଚୂଡାନ୍ତ ସତ୍ୟ ବୋଲି ଗ୍ରହଣ କରି ନେଇଥାଉ । କାରଣ , ପ୍ରଶ୍ନ କରିବାର କ୍ଲାନ୍ତିଟିକୁ ବି ଆମ୍ଭେମାନେ ବଞ୍ଚେଇ ରଖିବାକୁ ଚାଁହୁ ।

ଏଠାରେ ଗୋଟିଏ ସୂକ୍ଷ୍ମ ମାନସିକ ଦିଗ ରହିଛି । ମଣିଷ ହିସାବରେ ଆମ୍ଭେ ସମସ୍ତେ ଗଳ୍ପ କହିବାକୁ ବା ଶୁଣିବାକୁ ଭଲପାଉ । ଭୁଲ କରି ଶିଖିବା ମାଧ୍ୟମରେ ଆମ୍ଭେମାନେ ସୃଷ୍ଟିଶୀଳତା ତିଆରି ହୋଇଥାଏ । କଥାରେ ଅଛି, 'ଅନେକ ଭୁଲରେ ଜଣେ ମଣିଷ ।' ଅଥଚ , ଆମ୍ଭେମାନେ ଯେତେବେଳେ ପ୍ରେମପତ୍ର ବି ଯନ୍ତ୍ର ଠାରୁ ଲେଖେଇ ନେଉଛୁ ,ସେତେବେଳେ ଅନୁଭୂତିର ଅନୁଶୀଳନ କଥା ଉଠୁଛି କେଉଁଠୁ ? ଯେତେବେଳେ ଶିଶୁର ରଚନା ବା ପ୍ରୋଜେକ୍ଟ ବି ବନେଇବା ବେଳେ ଆମ୍ଭେମାନେ ଏ ଆଇ ଉପରେ ନିର୍ଭର କରୁଛୁ , ସେତେବେଳେ ଶିଖିବାର ଆନନ୍ଦଟା ରହିଲା କେଉଁଠୁ ? ହୁଏତ ଆମ୍ଭେମାନେ କାର୍ଯ୍ୟଟା ଶୀଘ୍ର ଶେଷ କରିପାରୁଛୁ , କିନ୍ତୁ ଏଥିସହିତ ଧୀରେ ଧୀରେ ଧୈର୍ଯ୍ୟ ହରେଇ ବସିଛୁ । ଟିକେ ଗଭୀର ଭାବେ ଯଦି ଚିନ୍ତା କରି ଦେଖିବା ନିଜର କରି ପରିକଳ୍ପନା କରିବା ନିଜ ଭାଷାରେ ଅନୁଭୂତି ପ୍ରକାଶ କରିବା, ଅନୁଧାବନ କରିବା -ଏଇ ଛୋଟ ଛୋଟ ଅନୁସନ୍ଧାନ ବି ମସ୍ତିଷ୍କରେ ସକ୍ରିୟ ହୋଇଉଠିବ , ମାନସିକ ସ୍ୱାଦର ରକ୍ଷାକବଚ ହୋଇ ଉଠିବ ।

ମନେରଖିବା ଉଚିତ ଯେ , ଏଆଇ ଆମ୍ଭମାନଙ୍କର ଶତ୍ରୁ ନୁହେଁ । ଏଇଟା ନିଃସନ୍ଦେହରେ ମଣିଷର ଜଣେ ଅସାଧାରଣ ସହାୟକ ଠିକ ଯେମିତି କାଲକୁଲେଟର, ଇଣ୍ଟରନେଟ ବା ଅନ୍ୟ କୌଣସି ଇଲେକଟ୍ରୋନିକ ଗେଜେଟ । ଏହାର ଉପକାରିତା ନିଶ୍ଚିତ ଭାବେ ଅପରିସୀମା । କିନ୍ତୁ ସହାୟକ ଆଉ ବିକଳ୍ପ ଆଦିର ପାର୍ଥକ୍ୟଟା ବୁଝିବାକୁ ହେବ ପ୍ରଥମେ । ସବୁ କାର୍ଯ୍ୟ କରିବା ଆଗରୁ ଥାରୁଟାଏ ଭାବିନେବା ଉଚିତ ତଥ୍ୟାଦିର ସତ୍ୟାସତ୍ୟ, ଭୁଲ କଲେ ଶିଖିହେବ କିନ୍ତୁ ମସ୍ତିଷ୍କକୁ କରିଦେଲେ ଚଳିବ କି ? ମସ୍ତିଷ୍କକୁ ସଦାସର୍ବଦା କାର୍ଯ୍ୟରେ ଲଗେଇ ରଖିବା ବୁଦ୍ଧିମାନର କାର୍ଯ୍ୟ । ପ୍ରଯୁକ୍ତି ମଣିଷର ଗତିକୁ ବଢ଼େଇ ପାରେ, କିନ୍ତୁ ଦିଗ ନିର୍ଦ୍ଦେଶ ଡୋରଟା ଯେମିତି ମଣିଷ ସର୍ବଦା ନିଜ ହାତରେ ରଖିବା ଉଚିତ । ଚିନ୍ତା କର , ଆବେଗକୁ ବୁଝ, ଓ ସେସବୁକୁ ପ୍ରକ୍ରିୟାକରଣ କରି ଦେଖ ; ତାପରେ ନିର୍ଦ୍ଦେଶ ପାଳନ କର, କିନ୍ତୁ ଏଇ ତିନୋଟି କଥାକୁ କାର୍ଯ୍ୟକାରୀ କରି ପାରିଲେ ମସ୍ତିଷ୍କର ରୀତିମତ ବ୍ୟାୟାମ ହୋଇଥାଏ । ନୂଆ କିଛି ଶିଖିବା, ଜାଣିବା ସିଦ୍ଧାନ୍ତ ନେବା ଓ ଅନୁଭୂତି ପ୍ରକାଶ କରିବା , ସୁଖ-ଦୁଃଖ , ଆନନ୍ଦ ବିଷାଦ - ଏହି ସବୁ ମାଧ୍ୟମରେ ମସ୍ତିଷ୍କର ଉପଯୁକ୍ତ ବ୍ୟାୟାମ ହୋଇଥାଏ , ମସ୍ତିଷ୍କ ସକ୍ରିୟ ରୁହେ । ମସ୍ତିଷ୍କରେ ଥିବା ସ୍ନାୟୁକୋଷଗୁଡ଼ିକ ମଧ୍ୟ ସକ୍ରିୟ ହୋଇ ଉଠନ୍ତି । ମସ୍ତିଷ୍କକୁ ନେଇ କରାଯାଇଥିବା ଗବେଷଣାରୁ ଜଣାଯାଇଛି ;ସକ୍ରିୟ ଚିନ୍ତା ଓ ମାନସିକ ବ୍ୟସ୍ତତା , ସ୍ମୃତିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏବଂ ଡିମେନଶିଆ ବା ସ୍ମୃତିଭ୍ରଂଶର ଝୁଙ୍କି କମେଇପାରେ । ତେଣୁ ଇ ତା କୁହାଯାଏ ,use it or loose it-ଅର୍ଥାତ ମସ୍ତିଷ୍କକୁ ବ୍ୟବହାର ନକଲେ ତା ଧୀରେ ଧୀରେ ଅଳସୁଆ ହୋଇଯାଏ । ଆଜି ଯଦି ଆମ୍ଭେମାନେ ଚିନ୍ତା କରିବା ଭାବିବା ହିଁସ୍ୱା କରିବା, ଅନୁଭବ କରିବାର ଦାୟିତ୍ୱଟା ମସ୍ତିଷ୍କ ଉପରେ ଛାଡ଼ିଦେବା ତା ଆମ୍ଭମାନଙ୍କର ମସ୍ତିଷ୍କ ,' out - law brain ' ରେ ପରିଣତ ହୋଇପାରିବ ନାହିଁ । ଅଳସୁଆ ମସ୍ତିଷ୍କ କେବଳ ଭୁଲ କରି ବସେନା ଉଦ୍ବିଘ୍ନ ହୁଏ ସିଦ୍ଧାନ୍ତବିହୀନ ହୋଇପଡେ, ଏବଂ ଭବିଷ୍ୟତରେ ସ୍ମୃତିଶକ୍ତି ଜନିତ ସମସ୍ୟା ବୃଦ୍ଧିପାଏ । ତେଣୁ ପ୍ରଶ୍ନଟା ଅତି ସହଜ -ଆମ୍ଭେମାନେ କଣ ସହଜରେ ସୁବିଧାରେ କାର୍ଯ୍ୟ ହାସଲ କରିବାକୁ ଯାଇ ଆମ୍ଭମାନଙ୍କର ମସ୍ତିଷ୍କକୁ ଅଳସୁଆ କରିବା କାର୍ଯ୍ୟ କରି ଚାଲିଛୁ । ମଝିରେ ମଝିରେ ଧୀରେ ଚାଲିବା ବା ନିଜର ମସ୍ତିଷ୍କକୁ ଟିକିଏ କଷ୍ଟ ଦେବା ବି ଦରକାର । କାରଣ , ଭାବିବା ବା ଅନୁଭୂତି ଆଦିର କ୍ଷମତା ହିଁ ମଣିଷକୁ 'ମଣିଷ' କରି ତୋଳେ । ଆଶାର କଥା, ସଚେତନ ହେବା ପାଇଁ ଏବେବି ଯଥେଷ୍ଟ ସମୟ ଅଛି । ଯନ୍ତ୍ର ସହିତ ସହାବସ୍ଥାନ କରାଯାଏ ଆତ୍ମସମର୍ପଣ ନ କରି ।

- ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ
ଦୂରଭାଷ :
୮୫୯୯୮୯୪୯୧୫

# ଆତଙ୍କବାଦ ଦମନ ନୀତି 'ପ୍ରହାର'

ଏଥିରେ ଦ୍ୱିମତ ନାହିଁ ଯେ, ଦଶନ୍ଧି ଦଶନ୍ଧ ଧରି ଭାରତର ବିଭିନ୍ନ ଅଂଚଳରେ ଆତଙ୍କବାଦର ବିଭିଷିକା ରକ୍ତର ହୋଲି ଖେଳି ଆସିଛି । ଶେଷରେ ବିଳମ୍ବରେ ହେଲେ ବି ଦେଶର ପ୍ରଥମ ଆତଙ୍କବାଦ ଦମନ ନୀତି ଓ କୌଶଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଛି, ଯାହାକି ଏକ ସମୟୋଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଆତଙ୍କବାଦ ମୁକାବିଲା ନୀତି ଓ କୌଶଳର ନାମ 'ପ୍ରହାର' ରହିଛି । ସ୍ୱତନ୍ତ୍ର ଆତଙ୍କବାଦ ମୁକାବିଲା ନୀତି ଓ କୌଶଳ ଜାରି କରିବାରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନୁହେଁ । ଏଭଳି ସ୍ୱତନ୍ତ୍ର ଚ୍ୟାଲେଞ୍ଜର ମୁକାବିଲା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା, ୟୁନାଇଟେଡ କିଙ୍ଗଡମ୍ (ବ୍ରିଟେନ) ପରି ରାଷ୍ଟ୍ରର ସ୍ୱତନ୍ତ୍ର ନୀତି ରହିଛି । ଏହା ନିସନ୍ଦେହ ଯେ, ଭାରତ ଏବେ ସୀମାପାର ଏବଂ ସାଇବର (ଡିଜିଟାଲ) ଆତଙ୍କବାଦର ଶୀକାର ହୋଇଛି । ଶତ୍ରୁରାଷ୍ଟ୍ରଗୁଡିକ ଆତଙ୍କବାଦ ଦ୍ୱାରା ଦେଶରେ ରକ୍ତର ହୋଲି ଖେଳୁଥିବାବେଳେ ସାଇବର ଆକ୍ରମଣ ଚଳାଇ ଆସୁଛନ୍ତି । ସାଂକେତିକ ମେସେଜ ଦ୍ୱାରା ସୀମା ଆରପଟୁ ଡିଜିଟାଲ ଆତଙ୍କବାଦର ନେଟୱାର୍କ ଅପଡେଟ୍ କରିବା ସହ ଭିଡିଓ, ରିଲସ ଏବଂ ଭିଡିଓ ଗେମିଂ ଜରିଆରେ ଅନଲାଇନରେ ଯେକୌଣସି ମତବାଦର ନୀତିର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଉଛି । ଦ୍ରୁତଗତିରେ ଏହାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ସମର୍ଥ ହୋଇଛି । କ୍ରିପ୍ଟୋକରେନସି ଏବଂ ଅଣ ଆନୁଷ୍ଠାନିକ ଡିଜିଟାଲ ଚ୍ୟାନେଲ ପାଣ୍ଠି ସଂଗ୍ରହକୁ ତ୍ୱରାନ୍ୱିତ କରୁଥିବାବେଳେ ଏଗୁଡିକୁ ଠାବ କରିବା ଅତ୍ୟନ୍ତ ଜଟିଳ, ବ୍ୟାପାର । ସ୍ୱଳ୍ପ ମୂଲ୍ୟରେ ଡ୍ରୋନ ଓ ବୈଷୟିକ କୌଶଳ ଦ୍ୱାରା ଆକ୍ରମଣ ଚଳାଇଛନ୍ତି, ଯାହାକି କ୍ଷତିକାରକ ସଫ୍ଟୱ୍ୟାର ନିୟୋଜନ ଠାରୁ ବହୁତ ଶସ୍ତା ଏବଂ ଅତ୍ୟନ୍ତ ସହଜସାଧ ବୋଲି କୁହାଯାଏ । ଯାହାକି ଦେଶଗୁଡିକୁ ଅନେକ ସମୟରେ ହ୍ୟାକ ଦ୍ୱାରା ଅଚଳ କରିଦେଇଥାଏ । ସାଂପ୍ରତିକ ସମୟରେ ଭାରତ ଉଭୟ ପାରମ୍ପରିକ ଓ ଡିଜିଟାଲ ଆତଙ୍କବାଦର ମୁକାବିଲା ବା ଦମନ ପାଇଁ 'ପ୍ରହାର' ରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛି । ଯାହାକି ବିଦେଶ ମାଟିରୁ ସଂଗଠିତ ଅପରାଧିକ ନେଟୱାର୍କ ଦ୍ୱାରା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ଏକ ପ୍ରକାର ଡିଜିଟାଲ ଆତଙ୍କବାଦ ଚଳାଇଥିବା ଅପରାଧିଙ୍କୁ ଦମନ କରିବାରେ ସହାୟକ ହେବା ଆଶା କରାଯାଏ । କହିବା ବାହୁଲ୍ୟ ଯେ, 'ପ୍ରହାର'ର କେତେକ ନୀତି ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଭାରତ ଆତଙ୍କବାଦକୁ କୌଣସି ଧର୍ମ, ଜାତୀୟତା ଓ ସଭ୍ୟତା ସହିତ ସମ୍ପୃକ୍ତ କରେନାହିଁ । ଭାରତ ଦୀର୍ଘ ବର୍ଷ ହେଲା ସୀମାପାର ଆତଙ୍କବାଦ(ଜିହାଦ୍)ର ଶିକାର ହୋଇଆସୁଛି । ଯେତେବେଳେ ଦେଶରେ ଆତଙ୍କବାଦ ହିଂସାକାଣ୍ଡ ଘଟଣା ଘଟେ, ସେତେବେଳେ ଭାରତୀୟ ମୁସଲିମ୍ ସମ୍ପ୍ରଦାୟ ସମ୍ପୃକ୍ତ ଥିବା ନେଇ ଚର୍ଚ୍ଚା ହୁଏ । ଏପରି ରାଜନୈତିକ ଓ ନିର୍ବାଚିତ ପ୍ରତିନିଧିମାନେ ଯୋରଦାର ଆଲୋଚନା, ସମାଲୋଚନା କରିଥାନ୍ତି । ଭାରତ ସରକାର ମଧ୍ୟ ସୀମାପାର ଆତଙ୍କବାଦ ନେଇ ପାକିସ୍ଥାନରୁ ସିଧାସଳଖ ଦାୟୀ କରିଥାନ୍ତି । ଏହା ନିସନ୍ଦେହ ଯେ, ଆତଙ୍କବାଦର ବିଷ ରପ୍ତାନୀ କରିବାରେ ପାକିସ୍ଥାନର ମୁଖ୍ୟ ଭୂମିକା ରହିଛି । ପାକିସ୍ଥାନ ସରକାର ଓ ସେନା ଆତଙ୍କବାଦୀକୁ ପ୍ରୋତ୍ସାହନ ଦେବା ସହ ତାଲିମ ଦେଇଥାନ୍ତି । ଏପରିକି ଆର୍ଥୀକ ସହାୟତା ମଧ୍ୟ ଦେଇଥାନ୍ତି । ତେବେ ପ୍ରହାର ଆତଙ୍କବାଦର ପରିସରକୁ ପରିବର୍ତ୍ତନ କରିଛି । ଡିଜିଟାଲ ଆତଙ୍କବାଦ ଏବେ ମୁଣ୍ଡବ୍ୟାଥାର କାରଣ ହୋଇଛି । ପ୍ରତ୍ୟହ ଶହ ଶହ ଲୋକ ଡିଜିଟାଲ ଆତଙ୍କବାଦର ଶିକାର ହେବା ସହ କୋଟି କୋଟି ଟଙ୍କା ହରାଉଛନ୍ତି । ସେହିପରି ଡ୍ରୋନ ଓ ରୋବଟିକ୍ ଟେକ୍ନୋଲୋଜି ଏବେ ହ୍ୟାକ ପାଇଁ ମୁଖ୍ୟ ଅସ୍ତ୍ର ପାଲଟିଛି । ସାମାଜିକ ଗଣମାଧ୍ୟମ ମଧ୍ୟ ଏ କ୍ଷେତ୍ରରେ ଉଗ୍ର ମନୋଭାବର ମଂଚ ପାଲଟିଛି । ଏହି ସମସ୍ତ ବୈଷୟିକ ବିଦ୍ୟାର ଅପବ୍ୟବହାରକୁ ନିୟନ୍ତ୍ରଣ କରାଯିବା ଜରୁରୀ । ଏଥିସହ ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର ଓ ଗୋପନୀୟତା ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି । ଯାହାକି ସମ୍ବିଧାନ ପ୍ରଦତ୍ତ । ଏହା ନିଶ୍ଚିତ ଯେ, ଗୋଟିଏ ଦେଶପାଇଁ ଆତଙ୍କବାଦ ମୁକାବିଲା ନୀତି ଅତ୍ୟନ୍ତ ଜରୁରୀ । କିନ୍ତୁ ବ୍ୟକ୍ତିର ମୌଳିକ ଅଧିକାର ଯେପରି କ୍ଷୁର୍ଣ୍ଣ ନହୁଏ, ସେଥିପ୍ରତି ଧ୍ୟାନ ଦିଆଯିବ ଜରୁରୀ ।



✸

ସୌଭାଗ୍ୟ ରଂଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧ , ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨
ଦୂରଭାଷ-୯୪୩୭୯୯୪୩୭୯




# ପୁରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସମ୍ବର୍ଦ୍ଧିତ



ପୁରୀ(ଏନ୍.ଏମ୍.) : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୁରୀ ତାଳବଣିଆ ଠାରେ ଅନୁଷ୍ଠିତ ହୋଇଥିଲା ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ ଉତ୍ସବ। ସୂଚନା ଥାଉକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ସହ ୧କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ମାଁ ମାନଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ଅନଲାଇନ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମହିଳା ଶିଶୁ ବିକାଶ କମିଶନର ସେକ୍ରେଟାରୀ ମୃଣାଳିନୀ ଦରଶ୍ୱାଲ, ନିର୍ଦ୍ଦେଶିକା ମନିଷା ବାନାର୍ଜୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କର୍ଷତା ଲାଭ କରିଥିବା ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପୁରୀ ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କୁ ସମଗ୍ର ରାଜ୍ୟର ଶ୍ରେଷ୍ଠ ଡିଏସଡବ୍ଲୁ ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଶ୍ରେଷ୍ଠ ଶିଶୁ ସୁରକ୍ଷା ଅଧିକାରୀ ଭାବେ ମୟୁରଭଞ୍ଜର ମମତାମୟୀ ବିଶ୍ୱାଳଙ୍କୁ,ଦେବଗଡ଼ ଜିଲ୍ଲା ବାରକୋଟ କାଲା ୮ ସେକ୍ଟରର ଅଙ୍ଗନବାଡି କର୍ମୀ ରଜୀପ୍ତା ବିଶ୍ୱାଳଙ୍କୁ, ନୟାଗଡ଼ ଜିଲ୍ଲା ରଣପୁର ଡମସାହି ସେକ୍ଟରର ଅଙ୍ଗନବାଡି କର୍ମୀ ମାନସୀ ଭଞ୍ଜଙ୍କୁ, ସୁନ୍ଦରଗଡ ଜିଲ୍ଲା ତିଲଡେଗା ସ୍କୁଲପଡା ସେକ୍ଟରର ଅଙ୍ଗନବାଡି କର୍ମୀ ସୁଦର୍ଶୀତା ଦଣ୍ଡସେନାଙ୍କୁ ଓ ଗଜପତି ଜିଲ୍ଲାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପାଇଥିବା ଜ୍ୟୋତ୍ସ୍ନା ଶବରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହିତ ସମସ୍ତ ଅଧିକାରୀ କର୍ମଚାରୀ ନିଜର ଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

## ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ବାଲେଶ୍ୱର ଗସ୍ତ

# 'ସୁଶ୍ରୀ' ସ୍ମରଣିକା ଉନ୍ମୋଚିତ



**ବାଲେଶ୍ୱର(ଏନ୍.ଏମ୍.) :** ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାଲେଶ୍ୱର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ଆନୁକୂଲ୍ୟରେ ଚାନ୍ଦିପୁର ସ୍ଥିତ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ ପରିସରରେ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆରଡିଓ ସଚିବ ଡଃ ସମୀର ଭି. କାମତଙ୍କ ସହ ଡିଆରଡିଓର ବିଭିନ୍ନ ଲାବୋରେଟୋରୀର ନିର୍ଦ୍ଦେଶକ ଓ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ ଗବେଷକ ମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଆରଡିଓ ତରଫରୁ ଆୟୋଜିତ "ସୁଶ୍ରୀ" କର୍ମଶାଳାରେ ଚଳିତ ବର୍ଷର ଥିମ୍ "ଗିଭ୍ ଟୁ ଗେନ୍" ଶୀର୍ଷକ ଉପରେ ଆଲୋଚନା ପର୍ଯ୍ୟବେକ୍ଷିତ ଥିଲା। ଅତିଥିମାନେ ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ, ସଶକ୍ତିକରଣ ଏବଂ ସେମାନଙ୍କ ଗବେଷଣାତ୍ମକ କାର୍ଯ୍ୟକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହଯୋଗର ମନୋଭାବ ସହ ସାମାଜିକ ଦାୟିତ୍ୱବୋଧତା ବୃଦ୍ଧି ଏବଂ ମହିଳା କର୍ମଚାରୀ ଓ ବୈଜ୍ଞାନିକମାନଙ୍କର କୃତିତ୍ୱକୁ ପ୍ରୋତ୍ସାହନ, ନେତୃତ୍ୱ ନେବାରେ ଦକ୍ଷତାର ବିକାଶ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ ସ୍ୱୀକୃତି ଦେବାରେ ଏହି କର୍ମଶାଳାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "ସୁଶ୍ରୀ" ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ଏଠାରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଏହା ପରେ ଅପରାହ୍ନରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନବିଭାଗର ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକାର୍ଯ୍ୟ ଅଗ୍ରଗତି ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ। ଜିଲ୍ଲାରେ ଚାଲୁଥିବା ପ୍ରମୁଖ ପ୍ରକଳ୍ପ ଯଥା ସୁବର୍ଣ୍ଣରେଖା ବନ୍ଦର, ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ପର୍ଯ୍ୟଟନ ପ୍ରକଳ୍ପ, ସାମୁଦ୍ରିକ ଖାଦ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ରପ୍ତାନି ସମ୍ଭାବନା ବିଷୟରେ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ବାଲେଶ୍ୱରର ସାମଗ୍ରିକ ଉନ୍ନତି ପାଇଁ ରିଙ୍ଗରୋଡ ନିର୍ମାଣ, କଳା–ବିଜ୍ଞାନ–ସାହିତ୍ୟ ସମ୍ବନ୍ଧୀୟ ମ୍ୟୁଜିୟମ ସ୍ଥାପନ ଏବଂ ବାଲେଶ୍ୱରକୁ ମ୍ୟୁନିସିପାଲ କର୍ପୋରେସନ ରୂପେ ବିକଶିତ କରିବା ପରି ବିଭିନ୍ନ ଲୋକହିତକର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ମୁଖ୍ୟଶାସନ ସଚିବ ଆଲୋଚନା କରି ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ।

# ୭ ଲକ୍ଷ ଭୂତ ରାସନକାର୍ଡ ହିତାଧିକାରୀ ନାଁରେ ଲୁଟ୍ : ମନ୍ତ୍ରୀ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟରେ ଦୁର୍ନୀତି ବର୍ଷ ବର୍ଷ ଧରି କାୟା ବିସ୍ତାର କରିବାରେ ଲାଗିଛି। ଏବେ ସରକାର ପରିବର୍ତ୍ତନ ପରେ ବହୁ ଦୁର୍ନୀତି ପଦାକୁ ଆସିଥିବା କୁହାଯାଉଛି। ଏପରିପରିକି ରାସକାର୍ଡର ଏକ ବଡ କେଳେଙ୍କାରୀ ଦେଖିବାକୁ ମିଳିଛି। ରାଜ୍ୟରେ ୭ ଲକ୍ଷ ଭୂତ ରାସନକାର୍ଡ ହିତାଧିକାରୀ ନାଁରେ ଲୁଟ ହେଉଥିଲା ରାସନ। ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ ବି ହାତେଇ ଥିଲେ ରାସନକାର୍ଡ । ନୂଆ ସରକାର ଇ-କେୱାଇସି ପ୍ରକ୍ରିୟା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଧାନସଭାରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ଗତ ୨ବର୍ଷ ଭିତରେ ୩୪ହଜାର ୯୩୯ ଅଯୋଗ୍ୟ ରାସନକାର୍ଡ ହିତାଧିକାରୀଙ୍କ କାର୍ଡ ରଦ୍ଦ ହୋଇଛି। ୭ ଲକ୍ଷ ୭୫ ହଜାର ୬୪ ଜଣ ମୃତକଙ୍କୁ ରାସନକାର୍ଡରୁ ବାଦ୍ ଦିଆଯାଇଛି। ପୂର୍ବରୁ ମନ୍ତ୍ରୀ କହିଥିଲେ, ୨୪ବର୍ଷ କାଳ ସରକାର ଥିବା ସମୟରେ ହିଁ ଭୁତ ରାସନ କାର୍ଡ ଗୁଡିକ ହୋଇଛି ଏବଂ ବର୍ତ୍ତମାନ ସେଗୁଡିକୁ ଇ-କେୱାଇସି ଜରିଆରେ ପୁନଃ ସଂଶୋଧନ କରି ଛାଣି ଦିଆଯାଉଛି।

# ଦୁର୍ବଳ ଓ ଗରିବଙ୍କ ସେବାରେ ଆଗୁଆ ୱାର୍ଡ ସଦସ୍ୟ ରାଜୁ



**କଣ୍ଟାବାଞ୍ଜି(ଏନ୍.ଏମ୍.) :** ବେଲପଡା ବ୍ଲକ ଅନ୍ତର୍ଗତ ପଣ୍ଡରୀଜୋର ପଞ୍ଚାୟତର ୱାର୍ଡ ସଦସ୍ୟ ରାଜୁ ଖୁରା "ମାନବ ସେବା ହିଁ ଈଶ୍ୱର ସେବା" ଆଦର୍ଶକୁ ଅନୁସରଣ କରି ଏକ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛନ୍ତି। ବୁଧବାର ସକାଳେ ସେ କୁକୁଡାହାଡ଼ ଗାଁର ବାସିନ୍ଦା ଓ ଲୋକ କଳାକାର ତଥା କବି ତ୍ରିନାଥ ଜାଲଙ୍କୁ ଅସୁସ୍ଥ ଅବସ୍ଥାରେ ରାସ୍ତାରେ ଭ୍ରମଣ କରୁଥିବାବେଳେ ଦେଖିଥିଲେ। ସ୍ଥିତିକୁ ବୁଝି ସେ ତୁରନ୍ତ ତାଙ୍କୁ ସୁରକ୍ଷିତ ଭାବେ ଘରକୁ ପହଞ୍ଚାଇବା ସହିତ ନିଜ ପକ୍ଷରୁ ଯଥାସମ୍ଭବ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ସୂଚନା ଅନୁସାରେ ତ୍ରିନାଥ ଜାଲ ଏହି ଅଞ୍ଚଳର ଜଣେ ପରିଚିତ କବି ଓ ସାହିତ୍ୟ ସ୍ରଷ୍ଟା, ଯିଏ ନିଜେ ଲେଖିଥିବା ପୁସ୍ତକଗୁଡିକୁ ସ୍ୱୟଂ ପ୍ରକାଶ କରି ରେଲୱେ ଷ୍ଟେସନ ଓ ବସ୍ଷ୍ଟାଣ୍ଡ ଭଳି ସ୍ଥାନରେ ବିକ୍ରି କରି ଜୀବିକା ଚଳାଇଥାନ୍ତି। କିନ୍ତୁ ବର୍ତ୍ତମାନ ବୃଦ୍ଧାବସ୍ଥା ହେତୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବାର୍ଦ୍ଧକ୍ୟଭତ୍ତା ହିଁ ତାଙ୍କର ଜୀବନ ଚଳାଇବାର ମୁଖ୍ୟ ଆଧାର ହୋଇପଡ଼ିଛି। ଏହି ପରିସ୍ଥିତିକୁ ଦେଖି ୱାର୍ଡ ସଦସ୍ୟ ରାଜୁ ଖୁରା ଅନ୍ୟ ସମାଜସେବୀ ଓ ସଚେତନ ଲୋକମାନଙ୍କୁ ମଧ୍ୟ ତାଙ୍କ ସହାୟତା ପାଇଁ ଆଗୁଆ ହେବାକୁ ଆହ୍ୱାନ କରିଛନ୍ତି। ଅଞ୍ଚଳରେ ରାଜୁ ଖୁରା ଜଣେ ସକ୍ରିୟ ଜନପ୍ରତିନିଧି ଭାବେ ପରିଚିତ ଓ ସେ ସମୟ ସମୟରେ ଗରିବ ଓ ଅସହାୟ ଲୋକମାନଙ୍କୁ ସହାୟତା କରି ଆସୁଛନ୍ତି। ତଥ୍ୟ ଅନୁସାରେ ଏପର୍ଯ୍ୟନ୍ତ ସେ ଅଞ୍ଚଳର ୨୨ ଜଣ ଆବଶ୍ୟକତାମନ୍ଦ ଲୋକଙ୍କୁ ବିଭିନ୍ନ ସରକାରୀ ଭତ୍ତା ଯୋଜନାର ସୁବିଧା ମିଳିବାରେ ମଧ୍ୟ ସହଯୋଗ କରିଛନ୍ତି। ସ୍ଥାନୀୟ ଲୋକମାନେ ତାଙ୍କର ଏହି ସେବାଭାବକୁ ଉଚ୍ଚ ପ୍ରଶଂସା କରୁଛନ୍ତି।

# ୱାନ୍ ଷ୍ଟପ ସେଣ୍ଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ



**ପୁରୀ (ଏନ୍.ଏମ୍.) :** ଏସସିଏସ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ କେନ୍ଦ୍ରର ଉଦଘାଟନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ମହିଳାମାନଙ୍କୁ ଆତ୍ମ ନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ଭାରତ ସରକାର ପ୍ରଣୟନ କରିଥିବା'ସଖି' ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର ଅଟେ। ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ସମର୍ଥନ ଏବଂ ପ୍ରତିକାର ପ୍ରଦାନର ବ୍ୟବସ୍ଥା ଏଠାରେ କରାଯାଇଥାଏ। ପୁରୀ ଜିଲ୍ଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା। ତେବେ ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସସିଏସ କଲେଜ ଠାରେ ନିଜସ୍ୱ ବିଲ୍ଡିଂ ଉଦଘାଟିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ୭ ତାରିଖ ସୁଦ୍ଧା ୧୨୪୯ ଟି ମାମଲା ସଖିରେ ପଞ୍ଜିକରଣ ହୋଇଛି। ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ ନମ୍ବର ୧୮୧ ସହ ଯୋଡି ହୋଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ଜଣାଇଥିଲେ। ଏହି କେନ୍ଦ୍ର ଦ୍ୱାରା ନିର୍ଯ୍ୟାତିତ ବା କ୍ଷତିଗ୍ରସ୍ତ ମହିଳା ମାନେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡା କହିଥିଲେ।ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ କରି ଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତଥିଲେ।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଗଣଧାରଣା, ପେନସନ ବୃଦ୍ଧି ସହ ୧୨ ଦଫା ଦାବି




ବାରିପଦା(ଏନ୍.ଏମ୍.) : ଅଲ୍ ଇଣ୍ଡିଆ ବ୍ୟାଙ୍କ ରିଟାୟାର୍ସ୍ ଫେଡେରେସନ ଏବଂ ଅଲ୍ ଓଡ଼ିଶା ବ୍ୟାଙ୍କ ରିଟାୟାର୍ସ ଫେଡେରେସନର ମିଳିତ ଆନୁକୂଲ୍ୟରେ ଆଜି ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ 'ଗଣଧାରଣା ଓ ପ୍ରଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପେନସନ ଭୋଗୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, ପେନସନ ଅପଡେସନ ଏବଂ ବିଭିନ୍ନ କ୍ଷେତ୍ରରେ ହେଉଥିବା ବୈଷମ୍ୟ ଦୂର କରି ନ୍ୟାୟ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ଫେଡେରେସନ ପକ୍ଷରୁ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ଉପସ୍ଥାପନ କରାଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ମାନେ ଚେତାବନୀ ଦେଇଛନ୍ତି। ଏହି ପ୍ରଦର୍ଶନରେ ବହୁ ସଂଖ୍ୟାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ଯୋଗଦେଇଥିଲେ।

# କାଳିମେଳା ବ୍ଲକ ଭୁବନପାଲ୍ଲୀ ଗ୍ରାମପଞ୍ଚାୟତ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ମାଲକାନଗିର(ଏନ୍.ଏମ୍.) :** ରାଜ୍ୟରେ ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ପାଖକୁ ଦୌଡ଼ିବେ ନାହିଁ। ବରଂ ପ୍ରଶାସନ ଜନସାଧାରଣଙ୍କ ପାଖରେ ପହଞ୍ଚିବ। ଏଭଳି ସୁସ୍ଥ ଶାସନ ଯୋଗାଇ ଦେଉଛନ୍ତି ଓଡ଼ିଶା ସରକାର। ଜନସାଧାରଣ ନିଜର ବ୍ୟକ୍ତିଗତ ହେଉ ବା ସାମୂହିକ କୌଣସି ସମସ୍ୟାର ସମାଧାନ ପାଇଁ ନିଜ ଅଞ୍ଚଳରେ ଫଇସଲା କରିବା ନିମନ୍ତେ ଜିଲ୍ଲାପାଳଙ୍କ ସ୍ତରରେ ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବେସ ସୁବିଧା ପାଉଥିବା ମଧ ଦେଖିବାକୁ ମିଳିଛି। କାଳିମେଳା ବ୍ଲକ ଅଧିନସ୍ତ ଭୁବନପାଲ୍ଲୀ ଗ୍ରାମ ପଞ୍ଚାୟତ ଠାରେ 'ଯୁଗ୍ମ ଜନ ଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଓ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୫୨ଟି ଅଭିଯୋଗର ଶୁଣାଣି ହୋଇଥିଲା । ସ୍ୱଥି ମଧ୍ୟରୁ ୧୦ ଟି ବ୍ୟକ୍ତିଗତ ଓ ୪୨ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ, ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତ ନିମନ୍ତେ ଜଣାଇବେ।

# ବାଙ୍ଗିରିପୋଷି ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଲେ ପଞ୍ଚାନନ



**ବାରିପଦା(ଏନ୍.ଏମ୍.) :** ମୟୁରଭଞ୍ଜ ଜିଲ୍ଲାରେ ଇନିସପେକଟର ମାନଙ୍କ ଛୋଟ ଧରଣର ଅଦଳ ବଦଳ ହୋଇଥିବା ବେଳେ ବିଭିନ୍ନ ଥାନା ଓ ହେଡ କ୍ୱାର୍ଟର ମାନଙ୍କରେ ଇନିସପେକ୍ଟର ମାନେ ଦାୟିତ୍ୱ ନେବା ଦେଖା ଯାଇଛି। ବାଙ୍ଗିରିପୋଷି ଥାନାର ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ପଦୋନ୍ନତି ପାଇ ରାଇରଙ୍ଗପୁର ଏସଡିପିଓ ହେବା ପରେ ଜାନୁୟାରୀ ଆଠ ତାରିଖ ଠାରୁ ଥାନା ଅଧିକାରୀ ପଦବୀ ୬୦ ଦିନ ଧରି ଫାଙ୍କା ରହିଥିଲା। ଏଥିରେ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଏଏସଆଇ ସସ୍ମିତା ସାମଲ କାର୍ଯ୍ୟ ତୁଲାଉ ଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଥାନା ରୁ ବଦଳି ହୋଇ ପଞ୍ଚାନନ ମହାନ୍ତି ସୋମବାର ବାଙ୍ଗିରିପୋଷି ଥାନାରେ ନିଜ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ମଙ୍ଗଳବାର ମା ଦ୍ୱାରଶୁଣୀ ପୀଠରେ ପୂଜା ଅର୍ଚ୍ଚନା କରି ବାଙ୍ଗିରିପୋଷି ଅଞ୍ଚଳ ବାସିନ୍ଦାଙ୍କ ମଙ୍ଗଳ କାମନା କରିଛନ୍ତି। କୌଣସି ଖବର ପାଇଁ ଜନ ସାଧାରଣ ସିଧାସଳଖ ଥାନା ଅଧିକାରୀ ସହିତ ଯୋଗାଯୋଗ ଓ ସହଯୋଗ କରିବା ପାଇଁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ମୁନିଗୁଡା ବ୍ଲକରେ ରାୟଗଡା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




**ମୁନିଗୁଡା/ରାୟଗଡ(ଏନ୍.ଏମ୍.) :** ମୁନିଗୁଡା ବ୍ଲକ ସଦଭାବନା ସଭାଗୃହରେ ରାୟଗଡା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡି ସରୋଜିନୀ ଦେବୀ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୩ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୫୭ ବ୍ୟକ୍ତିଗତ, ୧୬ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଜିଲ୍ଲାପାଳ ଆଜି ରେଡ଼କ୍ରସ ପାଣ୍ଠିରୁ ଜଣକା ୨୦ ହଜାର ହିସାବରେ ତିନି ଜଣଙ୍କୁ ୬୦ହଜାର, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଦୁଇ ଜଣଙ୍କୁ ୪୦ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ବିଷମକଟକ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷିନୀ ଓରାମ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କ ତତ୍ତ୍ୱାବଧାନରେ ମୁନିଗୁଡା ତହସିଲଦାର ଏମ୍ ଅନୁରାଧା, ମୁନିଗୁଡା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।




# ଅଭୟାରଣ୍ୟରେ ନିଆଁ ଲଗାଉଥିବା ଅଭିଯୁକ୍ତ ଗିରଫ ; କୋର୍ଟ ଚାଲାଣ



ବାରିପଦା (ଏନ୍.ଏମ୍.): ଶିମିଳିପାଳ ଅଭୟାରଣ୍ୟର ନେଦାମ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ବନବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଙ୍ଗିରିପୋଷୀ ଥାନା ଅନ୍ତର୍ଗତ ବଡ-ନେଦାମ ଗ୍ରାମର ଦୁର୍ଯ୍ୟୋଧନ ହାଁସଦା। ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ବନ କର୍ମଚାରୀମାନେ ତିନିଜଣ ଦୁର୍ବୃତ୍ତଙ୍କୁ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ପାଇଥିଲେ। କର୍ମଚାରୀଙ୍କୁ ଦେଖିବା ପରେ ସେମାନେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଦୁର୍ଯ୍ୟୋଧନଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଏକ ଦିଆସିଲି ବଡବାକ୍ସ ଜବତ ହୋଇଛି ।ଏବଂ ତାଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଆଜି ତାଙ୍କୁ ବାରିପଦା ସିଜେଏମ କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା।

# ଜଗନ୍ନାଥ ନଗର ବରିଷ୍ଠ ନାଗରିକ ଉନ୍ନୟନ ସଂଘର ୨ୟ ବାର୍ଷିକ ଉତ୍ସବ



ଭୁବନେଶ୍ୱର(ଏନ୍.ଏମ୍.): ଜଗନ୍ନାଥ ନଗର ବରିଷ୍ଠ ନାଗରିକ ଉନ୍ନୟନ ସଂଘର ୨ୟ ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି , ୱାର୍ଡ ନଂ ୧୯ ର କରପୋରେଟର ସ୍ମୃତିଶୀଖା ବରିସଲ,ପ୍ରଦୀପ ବରିସଲ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି , ସଂପାଦକ ରାଜକିଶୋର ସାମନ୍ତରାୟ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପସ୍ଥାପନା କରିବା ସହିତ ଅଂଚଳର କିଛି ପ୍ରମୁଖ ଦାବି ରଖିଥିଲେ। ଏହା ସହିତ ସଂଘର ବହୁ କର୍ମକର୍ତ୍ତାଙ୍କ ସମେତ ଅଂଚଳର ବହୁ ବିଶିଷ୍ଟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ସଂଘର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବାବଦରେ ଅବଗତ ହୋଇ ପ୍ରଶଂସା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡିଶୀ ନୃତ୍ୟ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଅବକାରୀ ଚଢ଼ାଉ ,ବିପୁଳ ପରିମାଣ ମଦ ପୋଚ୍ ଓ ବାଇକ୍ ଜବତ

ବାରିପଦା(ଏନ୍.ଏମ୍.): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ, ପୋଚ୍ ଓ ମଦ ଚାଲାଣରେ ବ୍ୟବହୃତ ଏକ ବାଇକ ଜବତ କରାଯାଇ ଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଖୁଣ୍ଟା ଅବକାରୀ ବିଭାଗ ଏଏସ ଆଇ କୃଷ୍ଣ ସୁନ୍ଦର ସେଠୀଙ୍କ ନେତୃତ୍ୱରେ ବିଭାଗୀୟ କନିଷ୍ଠବଳ ନିରଞ୍ଜନ ମହାନ୍ତ , କିଶୋର ଚନ୍ଦ୍ର ସରେନ, ଦିବ୍ୟାଂଶୁ ପଣ୍ଡାଙ୍କ ସମେତମହିଳା କନିଷ୍ଠବଳ ଦୀପାଳି ଦାସଙ୍କୁ ନେଇ ଗଠିତ ଏକ ଟିମ ଥାନା ଅଧିନ ବିଭିନ୍ନ ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲା। ଏହି ଚଢାଉ ସମୟରେ କେନ୍ଦୁଆମୁଣ୍ଡି ଗ୍ରାମରେ ଏକ ଚୋରା ଦେଶୀ ମଦ ପ୍ରସ୍ତୁତ କାରଖାନା ଠାବ କରାଯାଇ ଥିଲା। ସଂପୃକ୍ତ ସ୍ଥାନରୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୧୬୦ ଲିଟର ମହୁଲି ମଦ ଓ ମଦ ପ୍ରସ୍ତୁତରେ ବ୍ୟବହୃତ ୨୧୦୦ ଲିଟର ମହୁଲ ପୋଚ ସମେତ ବିଭିନ୍ନ ସରଞ୍ଜାମ ଗୁଡ଼ିକୁ ଜବତ କରାଯାଇ ଥିଲା। ତେବେ ଏହି ଘଟଣାରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଥିବା ଜଣାଯାଇଛି। ସେହିପରି ଏହି ଚଢ଼ାଉ ସମୟରେ ଟିକରପଡ଼ା ଗ୍ରାମ ଦେଇ ଏକ ସ୍କୁଟି ଯୋଗେ ୨୫ ଲିଟର ଦେଶୀ ମଦ ଚାଲାଣ କରୁଥିବା ବାଇଧର ସିଂ, ସାନବେଲାକୁଟୀ ଗ୍ରାମର ଚୈତନ ଟୁଡୁ ଠାରୁ ୧୮ ଲିଟର , ମୁଟୁରୁଦା ଗ୍ରାମର ଅଶୋକ ମହାନ୍ତିଙ୍କ ଠାରୁ ୧୨ ଲିଟର, ଏବଂ ପଦୁ ମୁର୍ମୁଙ୍କ ନିକଟରୁ ୧୦ ଲିଟର ଚୋରା ମଦ ଜବତ କରାଯାଇଥିବା ଜଣାଯାଇଛି।

## ‘ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା’

# ତୀର୍ଥ ଯାତ୍ରାରେ ଗଲେ ବରିଷ୍ଠ ନାଗରିକ



ବାରିପଦା(ଏନ୍.ଏମ୍.): ଓଡ଼ିଶାର ବରିଷ୍ଠ ନାଗରିକ ଓ ବିଧବା ମାନଙ୍କ ଆଧ୍ୟାତ୍ମିକ ଅଭିଳାଷକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଫେବୃଆରୀ ୧୩ତାରିଖରେ ‘ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା’ ର ଶୁଭାରମ୍ଭ କରାଯାଇଛି। ବୟସ, ଦୂରତା କିମ୍ବା ଆର୍ଥିକ ଅଭାବ ଯେପରି ଭକ୍ତ ଏବଂ ମହାପ୍ରଭୁଙ୍କ ମଧ୍ୟରେ ବାଧା ସାଜିବ ନାହିଁ, ସେଥିପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକ ଏବଂ ୭୫ ବର୍ଷରୁ କମ୍ ବୟସର ବିଧବାମାନେ ଏହି ସୁବିଧା ପାଇପାରିବେ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ହିତାଧିକାରୀ ମାନଙ୍କୁ ସଂଗଠିତ, ନିରାପଦ ଏବଂ ଆରାମଦାୟକ ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାରୁ ଆଜି ‘ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା’ ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରାଯାଇଛି। ଆଜି ୭ଟି ବସ୍ ଯୋଗେ ୨୫୦ରୁ ଉର୍ଦ୍ଧ୍ୱ ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକ ଏହି ତୀର୍ଥଯାତ୍ରା କରିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସମାପ୍ତ ସରିଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସୂଚନା ପ୍ରଦାନ କରିଛନ୍ତି।

# ପବିତ୍ର ବାରୁଣୀ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର(ଏନ୍.ଏମ୍.) ; ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିରଜା ପଞ୍ଜିକା ଅନୁସାରେ ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୧୭ ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ଅବସରରେ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାୟ ୩୦ ହଜାର ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଏହି ପରିପେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଟ୍, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରୁଣୀ ମେଳା ପରିସରରେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ୍ୟ ରହିବ। ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହନ ପାର୍କିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ପୌର ପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶାରେ ବଢ଼ି ଚାଲିଛି ନକଲି ଚର୍ମରୋଗ ବିଶଷଜ୍ଞଙ୍କ ଉତ୍ପାତ

## ସରକାର ଏବଂ ଜନସାଧାରଣ ସଚେତନ ହେଲେ ନକଲି ଡାକ୍ତରଙ୍କୁ ରୋକାଯାଇ ପାରିବ : ଡ. କୁମାର ଅଭିଶେକ




ଭୁବନେଶ୍ୱର(ଏନ୍.ଏମ୍.): ଇଣ୍ଡିଆନ ଆସୋସିଏସନ ଅଫ୍ ଡର୍ମାଟୋଲୋଜିଷ୍ଟସ୍, ଭେନେରିଓଲୋଜିଷ୍ଟସ୍ ଆଣ୍ଡ ଲେପ୍ରୋଲୋଜିଷ୍ଟସ୍ (ଆଇଡିଭିଏଲ୍) ଓଡ଼ିଶା ଶାଖା ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ଅଯୋଗ୍ୟ ବ୍ୟକ୍ତିମାନେ ଡର୍ମାଟୋଲୋଜି ଓ କସମେଟିକ୍ ପ୍ରକ୍ରିୟା କରୁଥିବା ଖବର ପ୍ରତି ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସଂଘର ସମ୍ପାଦକ ଡ. କୁମାର ଅଭିଶେଷ କହିଛନ୍ତି ଯେ, ଓଡ଼ିଶାରେ ଶହ ଶହ ସଂଖ୍ୟାରେ ନକଲି ଡାକ୍ତର ଲୋକ ଚିକିତ୍ସା କରୁଛନ୍ତି। ସେମାନେ ଲେଜର ଚିକିତ୍ସା, କେମିକାଲ ପିଲ୍, କେଶ ପ୍ରତିରୋପଣ ଏବଂ ଇଞ୍ଜେକ୍ଟେବୁଲ୍ ଟ୍ରିଟମେଣ୍ଟ ପରି ଚିକିତ୍ସା ମଧ୍ୟ କରିବାକୁ ପଛାଉ ନାହାଁନ୍ତି। ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ବିଭିନ୍ନ ରାଜ୍ୟରୁ ଆସୁଥିବା ନକଲି ଡାକ୍ତରମାନେ ଏହାର ଫାଇଦା ଉଠାଉଛନ୍ତି। କିନ୍ତୁ ଏମାନଙ୍କୁ ଧରିବା ପାଇଁ କିମ୍ବା ଯାଞ୍ଚ କରିବା ପାଇଁ ସରକାରଙ୍କ ତରଫରୁ ଦୃଢ ପଦେକ୍ଷପ ନିଆଯାଉ ନାହିଁ। ଫଳରେ ଭୁଲ୍ ଚିକିତ୍ସା ଯୋଗୁଁ ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇ ଶେଷ ମୁହୂର୍ତ୍ତରେ ଡାକ୍ତରଖାନା ଯାଉଛନ୍ତି। ଏହି ଡାକ୍ତରମାନେ ବିଭିନ୍ନ ପ୍ରକାର ବିଜ୍ଞାପନ ଦେଇ ଗ୍ରାମୀଣ ଲୋକଙ୍କୁ ଆକର୍ଷିତ କରୁଛନ୍ତି। ଅଥଚ ସ୍ୱାସ୍ଥ୍ୟ ବିଭାଗ ଏମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କାହିଁକି ପଦକ୍ଷେପ ନେଉନାହାଁନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ରାଜ୍ୟର ଅଦାଲତ ମାନଙ୍କରେ ମଧ୍ୟ ମକଦ୍ଦମା ଚାଲିଛି। ତଥାପି କାହିଁକି ଏମାନଙ୍କ ସଂଖ୍ୟା ବଢି ବଢି ଚାଲିଛି ସେ ଦିଗରେ ଜନସାଧାରଣ ଏବଂ ସରକାର ସଚେତନ ହେଲେ ଏପରି ନକଲି ଡାକ୍ତରମାନଙ୍କ ଉପରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ଡାକ୍ତର ଅଭିଶେଷ କହିଛନ୍ତି।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବୈଠକ

ସୁନ୍ଦରଗଡ(ଏନ୍.ଏମ୍.):ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଆଜି ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ। ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଅଧିକାରୀଙ୍କୁ କହିଛନ୍ତି। ରାଉରକେଲା ମହାନଗର ନିଗମ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ,ଜଳ ଛତ୍ର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଗୁଡିକ ଶୀଘ୍ର ମରାମତି କରାଯିବାକୁ ଏବଂ ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ବିଶେଷ ଧ୍ୟାନ ଦେବା, ପ୍ରମୁଖ ସ୍ଥାନ ମାନଙ୍କରେ ଜଳଛତ୍ରମାନ ଖୋଲା ଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀ ଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ତାଙ୍କ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ଗ୍ରୀଷ୍ମ ସମୟ ରେ ଗୃହ ପାଳିତ ପ୍ରାଣୀ ମାନଙ୍କର କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକ ରେ ଆଲୋଚନା କରାଯାଇଛି। ସେହିପରି ଅଂଶୁଘାତ ର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନା ମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓ.ଆର୍.ଏସ୍ .ପ୍ୟାକେଟ୍ ,ଆବଶ୍ୟକୀୟ ଔଷଧ ଆଦି ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। ସେହିଭଳି ଏହି ସ୍ୱତନ୍ତ୍ର ୱାର୍ଡମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଏସି ବ୍ୟବସ୍ଥା କରିବାକୁ କୁହାଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ମାନେ ଗସ୍ତ କରି ନିଜ ନିଜ ଅଂଚଳ ସବୁ ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସକାଳୁଆ ସ୍କୁଲ ଓ ସକାଳୁଆ ଅଙ୍ଗନୱାଡ଼ି ବିଷୟରେ ଆଲୋଚନା କରାଯାଇଥିଲା ଓ ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି ମାନଙ୍କରେ ଯଥେଷ୍ଟ ପରିମାଣରେ ପାନୀୟ ଜଳ, ଓଆରଏସ୍ ବ୍ୟବସ୍ଥା କରିବାକୁ କୁହାଯାଇଥିଲା ଓ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କର ଗ୍ରୀଷ୍ମ ପ୍ରବାହ ସମୟରେ ବାହାରକୁ ନବାହାରିବାକୁ ସଚେତନ କରିବା ଆଲୋଚନା କରାଯାଇଥିଲା। ଶ୍ରମିକମାନେ ଯେପରି ଅତ୍ୟଧିକ ଖରା ସମୟରେ କାମ ନକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ନିୟମିତ କାର୍ଯ୍ୟସ୍ଥଳ ମାନଙ୍କରେ ଶ୍ରମିକମାନଙ୍କ ପାଇଁ ବ୍ୟବସ୍ଥା ଓ କାର୍ଯ୍ୟ ସମୟ ଠିକ୍ ଭାବରେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତଦାରଖ କରିବାକୁ କହିଛନ୍ତି।

## ଆଙ୍କୁଲାଚଟି ହାଇସ୍କୁଲ ପଡ଼ିଆରେ ସପ୍ତଦୋଳ ଯାତ୍ରା

# ଭଗବାନ ଓ ଭକ୍ତଙ୍କ ଅପୂର୍ବ ମିଳନ



ବାଲୁଗାଁ(ଏନ୍.ଏମ୍.): ବାଲୁଗାଁ ଆଙ୍କୁଲାଚଟି ହାଇସ୍କୁଲ ପଡିଆରେ ସପ୍ତଦୋଳ ମେଲଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ପୌରାଣିକ ତଥା ଐତିହାସିକ ସୋଲରି ପାହାଡ଼ର ପାଦଦେଶରେ କେଉଁ ଆବାହନ କାଳରୁ ପାଳନ ହୋଇ ଆସୁଛି ଏହି ସପ୍ତଦୋଳ ମେଲଣ ଯାତ୍ରା। ଦୈତ୍ୟରାଜ ବାଣାସୁରର ତପସ୍ୟା ସ୍ଥଳୀ ସୋଲରି ଶାମୁକା ସ୍ଥଳୀର ପାଦଦେଶରେ ପାଳିତ ହେଉଥିବା ଏହି ଯାତ୍ରା ଉତ୍ସବ ମହାସମାରୋହ ରେ ପଞ୍ଚୁପଲ୍ଲୀ ସୀମା ଗ୍ରାମବାସୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ଚଳିତ ସପ୍ତମୀ ଦିନ ରାତ୍ରୀରେ ମାହେନ୍ଦ୍ର ବେଳା ରେ ଗାଡିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ମୁଖ୍ୟ ଦେବତା ଭାବରେ ଆସୁଥିବା ଶ୍ରୀ ଶ୍ରୀ କଳିଯୁଗେଶ୍ୱର ମହାଦେବ ପାଟ ପଟୁଆର ସହିତ ଆସିଥିଲେ। ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଆଜ୍ଞାମାଳ ନେଇ ଶ୍ରୀ ଶ୍ରୀ କଳିଯୁଗେଶ୍ୱର ଦେବଙ୍କୁ ପାଛୋଟି ଆଣିଥିଲେ କମିଟିର ସଂପାଦକ ହରିହର ପ୍ରଧାନ । ପ୍ରତ୍ୟେକ ଦେବାଦେବୀ ନିଜନିଜ ଆସନରେ ଉପବେସନ କରିବା ପରେ ଅନ୍ୟ ଠାକୁର ମାନେ ଯଥାରୀତି ନିଜ ନିଜର ଆସନ ଅଳଙ୍କୃତ କରିଥିଲେ। ପ୍ରାୟତଃ ଗ୍ରାମବାସୀ ଠାକୁର ମାନଙ୍କୁ ବେଶ୍ ଭଲ ଭାବରେ ସୁସଜ୍ଜିତ କରି ପାଟ ପଟୁଆର ସହିତ ଆସିଥିଲେ। ଲମ୍ବୋଦରପୁର ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଓ ସଂପୂର୍ଣ୍ଣ ସହଯୋଗରେ ଏ ବର୍ଷର ଏହି ସପ୍ତଦୋଳ ଯାତ୍ରା ଉତ୍ସବରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ମନୋରଂଜନ ନିମିତ୍ତ ରାମ ନାଟକ ପରିବେଷଣ କରାଯାଇଅଛି। ତେବେ ସପ୍ତଦୋଳ ମେଳଣ ଅପରାହ୍ନ ପାଞ୍ଚଟାରେ ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ବେଳେ ଠାକୁର ମାନଙ୍କର ବିଦାୟ ମେଲାଣି ବହୁତ ମନଲୋଭା ହୋଇଥିଲା। ୨୨ ବିମାନ ଓ ଚଉଦଳରେ ବିରାଜ ମାନ ଠାକୁର ମାନେ ବିଦାୟ ମେଲାଣି ମାଗି ଯିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦସ୍ପର୍ଶୀ ଥିଲା। ସପ୍ତଦୋଳ କମିଟି ଓ ଲମ୍ବୋଦରପୁର ଗ୍ରାମବାସୀଙ୍କର ମିଳିତ ସହଯୋଗରେ ସପ୍ତଦୋଳ ଯାତ୍ରା ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ ହୋଇଥିବା ଜଣାଯାଇଛି। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ପୋଲିସ୍ ବାହିନୀ ଓ ଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ସହଯୋଗ ପ୍ରଦାନ କରାଯାଇଥିଲା।

# କଣ୍ଟାବାଞ୍ଜିରେ ବିଜେଡି ପକ୍ଷରୁ ବୁଥ୍ ଏଜେଣ୍ଟ ପ୍ରଶିକ୍ଷଣ ଶିବିର ଓ ପଞ୍ଚାୟତ-ଏନଏସି ନିର୍ବାଚନ ପ୍ରସ୍ତୁତି ସଭା



କଣ୍ଟାବାଞ୍ଜି(ଏନ୍.ଏମ୍.) : ଆସନ୍ତା ପଞ୍ଚାୟତ ଓ ଏନଏସି ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ଥିବା ଦଳୀୟ କାର୍ଯ୍ୟାଳୟରେ ବୁଥ୍ଲେଭେଲ୍ ଏଜେଣ୍ଟ ପ୍ରଶିକ୍ଷଣ ଶିବିର ସହ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ସଭାର ଅଧ୍ୟକ୍ଷତା ପୂର୍ବତନ ବିଧାୟକ ଓ ବରିଷ୍ଠ ବିଜେଡି ନେତା ହାଜି ମହମ୍ମଦ ଆୟୁବ ଖାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ସରୋଜ ମେହେର ଯୋଗ ଦେଇଥିଲେ। ସଭାରେ କଣ୍ଟାବାଞ୍ଜି ବିଧାନସଭା ମଣ୍ଡଳୀର ସମସ୍ତ ୩୩୫ଟି ବୁଥ୍ର ସକ୍ରିୟ ବିଜେଡି କର୍ମୀ ଓ ବୁଥ୍ ଏଜେଣ୍ଟମାନେ ବଡ଼ ସଂଖ୍ୟାରେ ଯୋଗଦେଇଥିଲେ। ଏହି ଅବସରରେ ନିର୍ବାଚନ ପ୍ରସ୍ତୁତି, ସଂଗଠନକୁ ଶକ୍ତିଶାଳୀ କରିବା ଓ ବୁଥ୍ସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ସଭାରେ ତୁରେକେଲା ବ୍ଲକ୍ ସଭାପତି ଖୁସିରାମ ନାୟକ, ବଙ୍ଗୋମୁଣ୍ଡା ବ୍ଲକ୍ ସଭାପତି ରାଧେଶ୍ୟାମ କେତକି, ମୁରିବାହାଲ ବ୍ଲକ୍ ସଭାପତି ସନ୍ୟାସୀ ପୁଟେଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝୀ, ବିଜେଡି ଜିଲ୍ଲା ଉପାଧ୍ୟକ୍ଷ ଲାଲଚନ୍ଦ ପୁଟେଲ, ଜିଲ୍ଲା ସାଧାରଣ ସଚିବ ଚରଣ ମେହେର, ମହେନ୍ଦ୍ର ରାଣା, ପ୍ରଭୁଲାଲ ସାହୁ, କଣ୍ଟାବାଞ୍ଜି ଟାଉନ୍ ସଭାପତି କିଶୋର ମଚ୍ଛଖଣ୍ଡ, ଯୁବ ନେତା ସୂର୍ଯ୍ୟ ମିଶ୍ର, ପବିତ୍ର ରାଣା, ଗୁଡୁ ପଣିକା, ଅନୱାର ଖାନ, ତାହିର ଖାନ, ମନୋଜ ସାହୁ, ବିନୋଦ ଜିନ୍ଦାଲ, ଦୀପକ ମଣିହାର, ନାସିର ଖାନ, ଧୀରୁ ସାହୁ, ଶେଷ ବାରିକ, ରତନ ମେହେର, ବିନୋଦ ବେହେରା, ମୁକେଶ ଭୋଇ, ପ୍ରଦୀପ ପୁଟେଲ, ଗୁରୁଚରଣ ଠେଲା, ଦିବାକର ପୁଟେଲ, ଅକ୍ଷୟ ସାହୁ ସହ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ପ୍ରଦୀପ ନାରାୟଣ ଖଣ୍ଡେଲୱାଲ ଶ୍ରୀରାମ ମନ୍ଦିର ପରିଚାଳନା ସମିତିର ଅଧ୍ୟକ୍ଷ ନିର୍ବାଚିତ

# ବାବାଜୀ କୁଟିଆର ଉନ୍ନତି ପାଇଁ ସଂକଳ୍ପ




କଣ୍ଟାବାଞ୍ଜି(ଏନ୍.ଏମ୍.): ଶ୍ରୀ ଅଗ୍ରୱାଲ ସଭା ଟ୍ରଷ୍ଟର ତତ୍ତ୍ୱାବଧାନରେ ଶ୍ରୀରାମ ମନ୍ଦିର ପରିଚାଳନା ସମିତିର ଅଧ୍ୟକ୍ଷ ଚୟନ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସଭା ହରି ଭବନରେ ଆୟୋଜିତ ହୋଇଯାଇଛି। ସଭାରେ ନଗରର ପ୍ରସିଦ୍ଧ ସମାଜସେବୀ ପ୍ରଦୀପ ନାରାୟଣ ଖଣ୍ଡେଲୱାଲଙ୍କୁ ସର୍ବସମ୍ମତିରେ ଶ୍ରୀ ରାମ ମନ୍ଦିର ପରିଚାଳନା ସମିତିର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ତାଙ୍କ ନେତୃତ୍ୱରେ ମନ୍ଦିର ଏବଂ ଏହା ସହ ସମ୍ପୃକ୍ତ ଧାର୍ମିକ ସ୍ଥଳଗୁଡ଼ିକର ଉନ୍ନତି ଆହୁରି ଗତି ପାଇବ। ସଭାରେ ଅଗ୍ରୱାଲ ସଭା ଟ୍ରଷ୍ଟର ଅଧ୍ୟକ୍ଷ କୈଳାଶ ଡୁଲିଆ, ସଚିବ ସନ୍ତୋଷ ଅଗ୍ରୱାଲ ଲାଠେରିଆ, ଶ୍ରୀ ରାମ ମନ୍ଦିର ପରିଚାଳନା ସମିତିର ଅଧ୍ୟକ୍ଷ ବିଜୟ ବଂସଲ, ସଚିବ ଚିନ୍ମୟ ଜୋଶୀ, ରାଜୁ ଶର୍ମା, ଦେବରାଜ ଯାଦବ, ରାଜୁ ପୁଟେଲ, ନିଶିକାନ୍ତ ମହାପାତ୍ର, ଅଶିଷ ଗୁପ୍ତା, ଇଶାନ୍ତ ସୋମୈୟା, ଅରୁଣ ଆର୍ଯ୍ୟ, ସରୋଜ ମହାପାତ୍ର, ସିରୀଶ ଅଗ୍ରୱାଲ, ରାଜେଶ ଓ୍ୱର୍ମା, ରାଜେଶ ଶର୍ମା ଓ ଅନ୍ୟାନ୍ୟ ଗଣମାନ୍ୟ ନାଗରିକ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଶ୍ରୀ ଖଣ୍ଡେଲୱାଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମିତିର ପ୍ରଧାନ ଲକ୍ଷ୍ୟ ହେଉଛି ଶ୍ରୀ ରାମ ମନ୍ଦିର ପରିସର ସହିତ ବାବାଜୀ କୁଟିଆର ସମଗ୍ର ଉନ୍ନତିକୁ ପ୍ରାଥମିକତା ଦେବା। ସେ କହିଥିଲେ ଯେ ଭକ୍ତମାନଙ୍କ ସୁବିଧା, ପରିସରର ସ୍ୱଚ୍ଛତା ଓ ଧାର୍ମିକ କାର୍ଯ୍ୟକଳାପର ବିସ୍ତାର ପାଇଁ ଆଗାମୀ ଦିନରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ସେ ସମସ୍ତ ସଦସ୍ୟ ଓ ସମାଜବାସୀଙ୍କୁ ଧନ୍ୟବାଦ ଜଣାଇ ସହଯୋଗ ଆହ୍ୱାନ କରିଥିଲେ।

# ରଜନଗର ସାହିତ୍ୟ ସଂସ୍କୃତି ପରିଷଦର ଶ୍ରଦ୍ଧାଞ୍ଜଳି ସଭା



ରାଜନଗର(ଏନ୍.ଏମ୍.):ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଦିବଂଗତ କଥାକାର, ପ୍ରଚ୍ଛଦ ଶିଳ୍ପୀ, ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ ବଳଙ୍କ ସ୍ମୃତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ପରିଷଦର ସମ୍ପାଦକ ଗାଳ୍ପିକ ପ୍ରଦୀପ ନାୟକ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ସଭପତି କବି ଅଭିରାମ ସାହୁ ଅତୁଲ ବଳଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସୂଚନା ଦେବାପରେ କାର୍ଯ୍ୟକ୍ରମରେ ଯୋଗଦେଇ ଆବାହକ ସର୍ବେଶ୍ୱର ମହାନ୍ତି, କୃପାସିନ୍ଧୁ ସାମଲ, କବି ଭବାନୀ ପ୍ରସାଦ ମହାପାତ୍ର, ଅଧ୍ୟାପକ ସନ୍ଦୀପ ମହାପାତ୍ର, ଗାଳ୍ପିକ ରତ୍ନାକର ନାୟକ, କୈଳାସ ଚନ୍ଦ୍ର ମହାନ୍ତି, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବୀରକିଶୋର ଜେନା, କବି ବିମଳା ସେନ୍, ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ହରେକୃଷ୍ଣ ମିଶ୍ର, ନନ୍ଦକିଶୋର ସ୍ୱାଇଁ, ସାମ୍ବାଦିକ ବସନ୍ତହାତି, ତନୁଶ୍ରୀ ମିଶ୍ର, ଶଙ୍କର୍ଷଣ ସାହୁ, ନବକିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗର୍ଭାଶୟ କ୍ୟାନ୍ସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ବରିପଦ(ଏନ୍.ଏମ୍.): ଗର୍ଭାଶୟ କ୍ୟାନ୍ସର ସମ୍ପର୍କରେ ସଚେତନତାର ବାର୍ତ୍ତା ସାଇକଲିଂ ଯାତ୍ରା କରି ପ୍ରଚାର କରୁଛନ୍ତି ସମୀରା ଖାନ୍। ଏଥିପାଇଁ ଆନ୍ଧ୍ରପ୍ରଦେଶରୁ ସାଇକଲିଂ ଯାତ୍ରା ଆରମ୍ଭ କରି ବିଭିନ୍ନ ରାଜ୍ୟ ଅତିକ୍ରମ କରି ଆଜି ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ସମ୍ମୁଖରେ ଏ ସମ୍ପର୍କିତ ବୈଠକରେ ଯୋଗଦାନ କରିଛନ୍ତି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୀରା ଖାନ୍ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏଭଳି ପ୍ରଚାର ଯାତ୍ରା ଜିଲ୍ଲାରେ ତଥା ବିଶେଷ ଭାବରେ ଗ୍ରାମାଞ୍ଚଳରେ ଗର୍ଭାଶୟ କ୍ୟାନ୍ସର ବିଷୟରେ ସଚେତନତା ବଢ଼ାଇବାରେ ସହାୟକ ହେବ ଏବଂ ମହିଳାମାନଙ୍କୁ ନିୟମିତ ସ୍କ୍ରିନିଂ ପାଇଁ ପ୍ରେରିତ କରିବ ବୋଲି ନିଜ ଅଭିଭାଷଣରେ ମତପ୍ରକାଶ କରିଛନ୍ତି। ସେହିପରି ଏଡିପିଏଚଓ ଡ଼ ବିଜୟ କୁମାର ଦାସ ସଠିକ୍ ସମୟରେ ସ୍କ୍ରିନିଂ ଓ ସଚେତନତା ମାଧ୍ୟମରେ ଗର୍ଭାଶୟ କ୍ୟାନ୍ସରକୁ ପ୍ରତିରୋଧ କରିବା ସମ୍ଭବ ବୋଲି ପ୍ରକାଶ କରିଛନ୍ତି। ଏହା ସହ ବର୍ତ୍ତମାନ ୧୪ ବର୍ଷରୁ କମ୍ ସମସ୍ତ ବାଳିକାମାନଙ୍କ ପାଇଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ମାଗଣାରେ ଉପଲବ୍ଧ ହେଉଥିବା ସମ୍ପର୍କରେ ସୂଚାଇଥିଲେ। ସମୀରା ଖାନଙ୍କ ଏହି ସାଇକଲିଂ ଯାତ୍ରା ମହିଳା ସ୍ୱାସ୍ଥ୍ୟ ସୁରକ୍ଷା ଓ ଗର୍ଭାଶୟ କ୍ୟାନ୍ସର ବିରୋଧରେ ସଚେତନତା ବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ଏଡିପିଏଚଓ (ଏଫ୍ଡବ୍ଲ୍ୟୁ) ଡ଼ ସୁନାନ୍ଦା ମିଶ୍ର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା , ଓ ଜିଲ୍ଲା କ୍ରୀଡା ଅଧିକାରୀ ଡ଼ ଶୁଭାଶିଷ ନାୟକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଖାର୍ଗ ହମଲା ପରେ ...

ପ୍ରତିଶତ ବୃଦ୍ଧି ପାଇଛି । ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭିତରେ ପଶ୍ଚିମ ଏସିଆରେ ଶକ୍ତି ସଂକଟ ଏବେ ସୀମା ଟପିଛି । ବିଶେଷ କରି ହର୍ମୋଜରେ ଇରାନ ତୈଳ ଓ ଗ୍ୟାସ ଟ୍ୟାଙ୍କରଗୁଡିକ ଅଟକାଇବା ପରେ ବିଶ୍ୱ ତୈଳ ବଜାର ବିଶେଷ କରି ଏସିଆ ମହାଦେଶର ଦେଶଗୁଡିକ ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅର୍ଥାତ ଫେବୃଆରୀ ୨୭ ତାରିଖରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୭୩ ଡଲାର ଥିଲା । ହେଲେ ଆଜି ସୁଦ୍ଧା ଏହାର ଦାମ ୧୦୩ ଡଲାରରେ ପହଂଚିସାରିଛି । ଅର୍ଥାତ ୧୫ ଦିନ ମଧ୍ୟରେ ବ୍ୟାରେଲ ପ୍ରତି ଦାମ ୩୦ ଡଲାର ବୃଦ୍ଧି ପାଇଛି । ଠିକ୍ ସେହିପରି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ବୟାନ ।କହିଲେ ଯେମିତି ହେଉ ହୋର୍ମୁଜ ପ୍ରଣାଳୀକୁ ଖୋଲାଯିବ । ତୈଳ ଜାହାଜ ପାଇଁ ଯାତାୟାତ ସୁବିଧା କରାଯିବ । ଟ୍ରମ୍ପ ଏହା ମଧ୍ୟ ଆଶା କରିଛନ୍ତି ଯେ,ହୋର୍ମୁଜ ପ୍ରଣାଳୀକୁ ଖୋଲିବା ପାଇଁ ଅନ୍ୟ ଦେଶ ମଧ୍ୟ ଆମେରିକାର ସହଯୋଗ କରିବେ ଏବଂ ନିଜର ଯୁଦ୍ଧ ଜାହାଜ ପଠାଇବେ । ଆମେରିକୀୟ ରାଷ୍ଟ୍ରପତି କହିଛନ୍ତି, ଆମର ଆଶା ଯେ, ଚୀନ, ଫ୍ରାନ୍ସ, ଜାପାନ , ଦକ୍ଷିଣ କୋରିଆ , ବ୍ରିଟେନ ଓ ଅନ୍ୟ ଦେଶ ମଧ୍ୟ ଏହି ଅଞ୍ଚଳରେ ନିଜର ଜାହାଜ ପଠାଇବେ । ଏହା ପରେ ହୋର୍ମୁଜ ଷ୍ଟ୍ରେଟ୍ ଆଉ ବିପଦ ହୋଇ ରହିବ ନାହିଁ । ଏହା ବ୍ୟତୀତ ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଆମେରିକା ଉପକୂଳ ବାହାରୁ ଖୁବ୍ ବୋମା ମାଡ଼ କରିବ । ଏହା ବ୍ୟତୀତ ପାଣି ବାହାରେ ସେ ଇରାନୀ ଡଙ୍ଗା ଓ ଜାହାଜକୁ ମଧ୍ୟ ଟାର୍ଗେଟ୍ କରିବ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି , ସାଉଦୀ ଆରବର ଏକ ବେସରେ ଆକ୍ରମଣରେ ଟାର୍ଗେଟ୍ କରାଯାଇ ଥିବା ପାଞ୍ଚଟି ଟ୍ୟାଙ୍କର ବିମାନରୁ ଚାରୋଟିକୁ କୌଣସି ବିଶେଷ କ୍ଷତି ହୋଇ ନାହିଁ । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ପାଞ୍ଚଟିରୁ ଚାରୋଟିକୁ ପାଖାପାଖି କୌଣସି କ୍ଷତି ହୋଇ ନାହିଁ । ଏସବୁ ପୁଣି ଥରେ କାମ କରିବାକୁ ଲାଗିଛନ୍ତି । ଗୋଟିଏ ତ କିଛି ଅଧିକ କ୍ଷତି ହୋଇଛି, କିନ୍ତୁ ସେ ମଧ୍ୟଶୀଘ୍ର ଆକ୍ସନକୁ ଆସିବ । ଏଥିରେ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଆମେରିକା ଇରାନର ତୈଳ ନେଟୱର୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ଦ୍ୱୀପରେ ଥିବା ସାମରିକ ଠିକଣା ଗୁଡ଼ିକୁ ଶୁକ୍ରବାର ନଷ୍ଟ କରି ଦିଆ ଯାଇଛି । ଏହାସହ ଚେତାବନୀ ଦେଇ ଥିଲେ ଯେ, ଯଦି ଇରାନ ହୋର୍ମୁଜ ପ୍ରଣାଳୀରୁ ଜାହାଜ ଗୁଡ଼ିକର ଆଗମନରେ ହସ୍ତକ୍ଷେପ କରିବା ଜାରି ରଖେ ତ, ତାର ତୈଳ କେନ୍ଦ୍ର ଗୁଡ଼ିକୁ ଟାର୍ଗେଟ୍ କରାଯିବ । ଟ୍ରମ୍ପ କହିଛନ୍ତି, ଆମେରିକା ସେନା ଶୁକ୍ରବାର ଇରାନର ଖାର୍ଗ ଦ୍ୱୀପରେ ଥିବା ଠିକଣା ଗୁଡ଼ିକୁ ସଂପୂର୍ଣ୍ଣ ରୂପେ ନଷ୍ଟ କରି ଦେଇଛନ୍ତ । ଖାର୍ଗ ଦ୍ୱୀପରେ ଇରାନର ତୈଳ ରପ୍ତାନୀର ମୁଖ୍ୟ ଟର୍ମିନାଲ । ଏହି ମଧ୍ୟରେ ଇରାନୀ ସଶସ୍ତ୍ର ବାହିନୀର ଜଣେ ବରିଷ୍ଠ ପ୍ରବକ୍ତା ଶନିବାର କହିଛନ୍ତି ଯେ, ଆମେରିକା ଏବେ ବିଶ୍ୱ ଶକ୍ତି ଭାବେ ରହି ନାହିଁ । ସେ କହିଛନ୍ତି, ପଶ୍ଚିମ ଏସିଆ ଅଞ୍ଚଳରେ ଏହାର ଦଖଲକୁ ଶେଷ କରିଦିଆ ଯିବା ଉଚିତ ।

## ଏଲ୍‌ପିଜି ନେଇ ଫେରିଲା ଭାରତୀୟ ଜାହାଜ ...

ହୋଇଛନ୍ତି । ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ସ୍ପଷ୍ଟ କରିଛନ୍ତି ଯେ ଦେଶର ତୈଳ ବିଶୋଧନାଗାରଗୁଡ଼ିକ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛି । ସରକାର ଲୋକଙ୍କୁ ଗୁଜବର ଶିକାର ନ ହେବାକୁ ଏବଂ ଭୟରେ ଗ୍ୟାସ ସିଲିଣ୍ଡରର ପ୍ରି-ବୁକିଂ ଏଡାଇବାକୁ ନିବେଦନ କରିଛନ୍ତି । ଏହି ସମୟରେ, ସବୁଠାରୁ ବଡ଼ ଆଶ୍ୱସ୍ତି ହେଉଛି ଦୁଇଟି ଭାରତୀୟ ଜାହାଜ ସୁରକ୍ଷିତ ଭାବରେ ଭାରତ ଅଭିମୁଖେ ଆସୁଥିବା ଖବର । ସରକାର ଜନସାଧାରଣଙ୍କୁ ଗୁଜବର ଶିକାର ନ ହେବାକୁ ଏବଂ ଗ୍ୟାସ ସିଲିଣ୍ଡର ବୁକିଂ କରିବା ସମୟରେ ଭୟଭୀତ ନ ହେବାକୁ ନିବେଦନ କରିଛନ୍ତି । ସରକାର ସାଧାରଣ ଲୋକଙ୍କୁ କୌଣସି ଭ୍ରାମକ ସୂଚନାର ଶିକାର ନ ହେବାକୁ କିମ୍ବା ଭୟଭୀତ ନହେବାକୁ ଏବଂ ପୂର୍ବରୁ ଗ୍ୟାସ ସିଲିଣ୍ଡର ବୁକ୍ କରିବାକୁ ବିଶେଷ ଭାବରେ ନିବେଦନ କରିଛନ୍ତି । ତଥ୍ୟ ଅନୁଯାୟୀ, ୧୩ ମାର୍ଚ୍ଚରେ ଗୋଟିଏ ଦିନରେ ରେକର୍ଡ ୮୮.୮ ଲକ୍ଷ ଗ୍ୟାସ ସିଲିଣ୍ଡର ବୁକ୍ ହୋଇଥିଲା, ଯାହା ଆବଶ୍ୟକ ସଂଖ୍ୟାଠାରୁ ବହୁତ ଅଧିକ । ଏହି ପାନିକ୍ ବୁକିଂକୁ ରୋକିବା ପାଇଁ, ସରକାର ନିୟମ ପରିବର୍ତ୍ତନ କରିଛନ୍ତି । ଏବେ ସହରରେ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପୂର୍ବରୁ ଦ୍ୱିତୀୟ ସିଲିଣ୍ଡର ବୁକ୍ କରିପାରିବେ ନାହିଁ । ଏହା ସହିତ, ୨୯ଟି ରାଜ୍ୟରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ମଧ୍ୟ ପୁନଃ ଆରମ୍ଭ ହୋଇଛି । ଗ୍ୟାସ୍ ଜମାଖୋରି ଓ କଳାବଜାରି ରୋକିବା ପାଇଁ ୟୁପି,ବିହାର,ମହାରାଷ୍ଟ୍ର ଓ ଓଡିଶା ଭଳି ରାଜ୍ୟରେ ହଠାତ୍ ଚଢାଉ କରାଯାଉଛି । ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଜେନ୍ସି ନିକଟରେ ଭିଡ ଜମାନ୍ତୁ ନାହିଁ । ଅନଲାଇନ୍ ବୁକିଂ କରନ୍ତୁ, ସିଲିଣ୍ଡର ଘର ପର୍ଯ୍ୟନ୍ତ ପହଞ୍ଚିଯିବ । ସେଭଳି ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାସକ ପାଇଁ କାଠ ଓ ବାୟୋମାସ୍ ବ୍ୟବହାର କରିବାକୁ ଅସ୍ଥାୟୀ ମଞ୍ଜୁରୀ ଦେଇଛନ୍ତି ।

## ଅଧିକ ଗ୍ୟାସ୍ ରଖିଲେ ୭ ବର୍ଷ ...

କର୍ତ୍ତୃପକ୍ଷ ଅତିରିକ୍ତ ସିଲିଣ୍ଡରଗୁଡ଼ିକୁ ଜବତ ମଧ୍ୟ କରିପାରିବେ । ବର୍ତ୍ତମାନ ଏଲ୍ପିଜିକୁ ନେଇ ନିଅଣ୍ଟିଆ ସ୍ଥିତି ଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷ ବିଭିନ୍ନ ଏଜେନ୍ସି, ଡିପୋ ଆଦିରେ ଚଢ଼ଉ କରୁଛନ୍ତି । ଯୋଗାଣରେ କେ ?ଣସି ଅସଙ୍ଗତି ଧରାପଡ଼ିଲେ ସେମାନେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛାଇବେ ନାହିଁ । ଲୋକଙ୍କ ପାଖରେ ସମାନ ଭାବେ ଏଲ୍ପିଜି ପହଞ୍ଚାଇବା ଲାଗି ଚଢ଼ଉକୁ କଡ଼ାକଡ଼ି କରାଯାଇଛି । ସାଧାରଣତଃ କୌଣସି ସାମଗ୍ରୀ ନିଅଣ୍ଟ ହେଲେ ତାହାର ଯୋଗାଣ ଉପରେ ନଜର ରଖିବା ପାଇଁ ସରକାର ଚଢ଼ଉ ଭଳି ପଦକ୍ଷେପ ଗ୍ରହଣ କରିଥାନ୍ତି । ଏଥି ସହିତ ମୁନାଫାଖୋର ଓ ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଥାନ୍ତି ।

## ଉଦ୍‌ବେଗ ପ୍ରକାଶ କଲେ ...

ମାଗିଛନ୍ତି କମିସନ । ବୃଦ୍ଧି ପାଉଥିବା ନିଖୋଜ ବ୍ୟକ୍ତି, ବିଶେଷ କରି ଶିଶୁମାନଙ୍କ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା କିମ୍ବା ପ୍ରସ୍ତାବିତ ପଦକ୍ଷେପଗୁଡ଼ିକୁ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଆଶା କରାଯାଉଛି । ଏଥିସହ, କମିଶନ ଏହି ରାଜ୍ୟଗୁଡିକରେ ନିଖୋଜ ବ୍ୟକ୍ତିଙ୍କ ସ୍ଥିତି ସମ୍ପର୍କରେ ଏନସିଆରବିରୁ ଦୁଇ ସପ୍ତାହ ମଧ୍ୟରେ ସଦ୍ୟତମ ପରିସଂଖ୍ୟାନ ତଥ୍ୟ ଲୋଡ଼ିଛନ୍ତି ।

## ଜମିରୁ ଜଙ୍ଗଲ ସବୁଠି ...

ଅଭୟାରଣ୍ୟର ଚନ୍ଦକା, ଡମପଡ଼ା, ହଳଦିଆ ଓ ଭୁବନେଶ୍ୱର ଆଦି ୪ ରେଞ୍ଜ୍ରେ ବନ ବିଭାଗ, ଆଣ୍ଟିପୋଚିଂ ସ୍କ୍ୱାଡ୍, ପ୍ଲାଣ୍ଟେସନ ଓ ଇକୋ ଟୁରିଜିମର ସମୁଦାୟ ୧୨୦ କର୍ମଚାରୀ ନିୟୋଜିତ ଅଛନ୍ତି ।ଏଥିସହ ୫ଟି ଫାୟାର ପ୍ରୋଟେକ୍ସନ୍ ସ୍କ୍ୱାଡ୍ ନିୟୋଜିତ ରହିଛନ୍ତି । ୫ଟି ସ୍କ୍ୱାଡ୍ରେ ୪୦ ଜଣ କର୍ମଚାରୀଙ୍କ ସମେତ ଜଙ୍ଗଲରେ ଥିବା ଗ୍ରାମବାସୀଙ୍କୁ ନିୟୋଜିତ କରାଯାଇଛି । ଭିଏଚ୍ଏଫ୍ ନେଟ୍ୱାର୍କ ମାଧ୍ୟମରେ ପରସ୍ପର ମଧ୍ୟରେ ଯୋଗାଯୋଗ ରକ୍ଷା କରାଯାଉଛି । ସାଟେଲାଇଟ୍ ଚିତ୍ରରୁ ଏହି ଜଙ୍ଗଲରେ ଚଳିତବର୍ଷ ୨ଟି ସ୍ଥାନରେ ଛୋଟ ଛୋଟ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରୁ ପ୍ରକାଶ ପାଇଥିଲା । ଯାହାକୁ ସଙ୍ଗେ ସଙ୍ଗେ ଆୟତ୍ତ କରାଯାଇ ପାରିଥିଲା । ଗୋଟିଏ ଗୋଡ଼ିବାରୀରେ ନିଆଁ ଲାଗିଥିବା ବେଳେ ଗତ ଗୁରୁବାର ଭରତପୁର ଜଙ୍ଗଲରେ ନିଆଁ ଲାଗିଥିଲା । ଯାହାକୁ ସଙ୍ଗେ ସଙ୍ଗେ ଆୟତ୍ତ କରାଯାଇ ପାରିଥିଲା ।ତେବେ ଏଥିରେ କୌଣସି ବଡ଼ ଗଛ ଜଳିନାହିଁ କିମ୍ବା କୌଣସି ଜଙ୍ଗଲୀ ଜନ୍ତୁ ମୃତାହତ ହୋଇନାହାନ୍ତି ବୋଲି କହିଛନ୍ତି ଚନ୍ଦକା ଡିଏଫ୍ଓ ବିନୋଦ ଆଚାର୍ଯ୍ୟ । ଠିକ୍ ସେହିପରି ଚନ୍ଦକା ଜଙ୍ଗଲ ପ୍ରାୟତଃ ବାଉଁଶ ବୁଦାରେ ଭର୍ତ୍ତି । ବିଶେଷକରି ଫେବ୍ରୁଆରୀ ଆରମ୍ଭରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଏହି ୫ ମାସ ଜଙ୍ଗଲକୁ ନିଆଁ ଭୟ ରହିଥାଏ । ଏହି ଗାଁ'ର ଲୋକମାନେ ଭୁବନେଶ୍ୱର, ଖୋର୍ଦ୍ଧା ଓ କଟକ ଯିବା ଆସିବା କରିଥାନ୍ତି । ଏହାବାଦ୍ ଜଙ୍ଗଲ ସୀମାରେ ୧୦୧ଟି ଗାଁ ରହିଛି । ସେମାନେ ମଧ୍ୟ ଜଙ୍ଗଲ ରାସ୍ତା ପଟେ ଯିବା ଆସିବା କରନ୍ତି । ଏଥିସହ ପର୍ଯ୍ୟଟକମାନେ ମଧ୍ୟ ଅଭୟାରଣ୍ୟ ବୁଲିବାକୁ ଯାଉଛନ୍ତି । ଜଙ୍ଗଲକୁ ଯିବା ମୁଖ୍ୟ ରାସ୍ତା ଗୁଡ଼ିକରେ ଯିବା ଆସିବା କରିବା ସମୟରେ କେହି କେଉଁଠାରେ ବିଡ଼ି କିମ୍ବା ସିଗାରେଟ୍ ଟାଣି ପକାଇଦେଲେ ନିଆଁ ଲାଗି ଯାଉଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଫାୟାର ମନିଟରିଂ ପାଇଁ ୨ଟି ସାଟେଲାଇଟ୍ ଲଗାଯାଇଛି । ସାଟେଲାଇଟ୍ ମାଧ୍ୟମରେ ଜଙ୍ଗଲରେ କେଉଁ ସ୍ଥାନରେ ନିଆଁ ଲାଗୁଛି ତାହା ଜଣାପଡ଼ିଯାଉଛି । ଏପରିକି ନିଆଁ, ଧୂଆଁ ଚିତ୍ରକୁ ସାଟେଲାଇଟ୍ ଉତ୍ତୋଳନ କରି ପାରୁଛି । ଏହା ସିଧାସଳଖ ପିସିସିଏଫ୍(ଜେନେରାଲ)ଙ୍କ କାର୍ଯ୍ୟାଳୟରୁ ତଦାରଖ କରାଯାଉଛି । ଫଳରେ ୨୪ ଘଣ୍ଟିଆ ପହରାରେ ଥିବା ବନ କର୍ମଚାରୀମାନେ ସଙ୍ଗେ ସଙ୍ଗେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିପାରୁଛନ୍ତି । ନିଆଁ ଲାଗିଥିବା ସ୍ଥାନରେ ନାଲି ରଙ୍ଗ ଦେଖା ଯାଉଛି । ନିଆଁ ଲିଭା ସାରିବା ପରେ ବନ କର୍ମଚାରୀମାନେ ସେଠାର ଫଟୋ ଉଠାଇ ପଠାଉଛନ୍ତି । ଯାହାକି ସାଟେଲାଇଟ୍ ଉତ୍ତୋଳନ କରିଥିବା ନିଆଁ(ନାଲି ରଙ୍ଗ) ଆପେ ଆପେ ସବୁଜ ରଙ୍ଗ ହୋଇ ଯାଉଛି ।

## ବିରୁପାରେ ଭାସୁଥିଲା ଦୁଇ ଭାଇଙ୍କ ...

ତଳେ ସେମାନେ ମଣ୍ଡପଡ଼ା ରେ ଥିବା ଘର ଓ ଜାଗା ବିକ୍ରି କରି ତ୍ରିଶୁଳିଆ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ । ବଡ ଭାଇର ବୟସ ୪୫ ବର୍ଷ ହୋଇଥିବା ବେଳେ ସାନ ଭାଇର ବୟସ ୪୦ ବର୍ଷ ବୋଲି ଜଣାପଡିଛି । ଏମିତିକି ସେମାନଙ୍କର ବାପା ମା ମରିଯାଇଥିବା ବେଳେ ଗୋଟେ ଭଉଣି ରାଜ୍ୟ ବାହାରେ ରହୁଛନ୍ତି । ସେମାନେ ଦୁଇଜଣଙ୍କର ବାହାଘର ହୋଇନଥିବା ସମ୍ପର୍କୀୟ ମାନେ କହିଛନ୍ତି । ସାନଭାଇ ଶୁଭାଶିଷ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ବଡଭାଇ କିଛି କରୁନଥିଲେ । ସେମାନେ ଘର ଜାଗା ବିକ୍ରି କରିବା ପରେ ସମସ୍ତ ଟଙ୍କା ଖର୍ଚ୍ଚ କରିବା ସହିତ ଅଧିକ କରଜ କରି ଆର୍ଥିକ ଦୁର୍ବଳ ହୋଇ ପଡିଥିବା କୁହାଯାଉଛି । ତେବେ ଆଜି ସେମାନଙ୍କ ଶବ ନଦୀରେ ଯେଉଁଭଳି ଅବସ୍ଥାରେ ଭାସୁଥିଲା ତାକୁ ଯିଏ ବି ଦେଖୁଥିଲା କିଛି ସମୟ ରହିଯାଇଥିଲା । କାରଣ ଜଣେ ଅନ୍ୟ ଜଣଙ୍କ ଉପରେ ହାତ ପକାଇ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ଏହି ଦୁଇଭାଇ ଆଗରୁ ମଧ୍ୟ ଯେଉଁ ଆଡେ ଯାଆନ୍ତି ସାଙ୍ଗ ହୋଇ ଯାଆନ୍ତି । ସେମାନଙ୍କ ମଧ୍ୟରେ ଭଲ ପାଇବା ସମସ୍ତଙ୍କୁ ଚକିତ କରିଥାଏ । ବନ୍ଧୁ ବାନ୍ଧବ ସାଙ୍ଗ ସାଥୀ ସମସ୍ତଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥିଲା । ସେମାନେ ଖୁବ୍ ଖୁସି ମିଜାସର୍ ଥିଲେ । ମାତ୍ର ସେମାନେ କାହିଁକି ଏଭଳି ଚରମ ନିଷ୍ପତି ନେଲେ ତାହା ଚୌଦ୍ୱାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ତେବେ ଏହା ପଛରେ ଆଉ କିଛି କାରଣ ରହିଛି କି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସର ତଦନ୍ତ ପରେ ଜଣାପଡ଼ିବ । ଏନେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

# ରେଭେନ୍ସାରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀରେ ସ୍ଥାୟୀ ନିଯୁକ୍ତି ଦାବିରେ ଛାତ୍ର ବିକ୍ଷୋଭ




କଟକ(ଏନ୍.ଏମ୍.): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ପଦବୀରେ ତୁରନ୍ତ ସ୍ଥାୟୀ ନିଯୁକ୍ତ କରିବା, ଲାଇବ୍ରେରୀରେ ପର୍ଯ୍ୟାପ୍ତ ସଂଖ୍ୟକ ବହି ସହିତ ରିଡ଼ିଂ ରୁମରେ ସିଟ୍ ସଂଖ୍ୟା ବୃଦ୍ଧି, ଲାବରୋଟରୀର ଆଧୁନିକୀକରଣ, ସମସ୍ତ ଆଶାୟୀଙ୍କ ପାଇଁ ହଷ୍ଟେଲ ସୁବିଧା ନିଶ୍ଚିତ କରିବା, ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ଯୋଗାଇଦେବା ସହିତ ଭାଙ୍ଗିଯାଇଥିବା ଗୃହଗୁଡ଼ିକୁ ତୁରନ୍ତ ମରାମତି କରିବା, କ୍ଲାସ୍ ବାତିଲ୍ କିମ୍ବା ପୁନଃ ଆରମ୍ଭ ବିଷୟରେ ୨୪ ଘଣ୍ଟା ପୂର୍ବରୁ ସୂଚନା ଦେବା, ଛାତ୍ରଛାତ୍ରୀଙ୍କ ପାଇଁ ଏକ ଘଣ୍ଟାର ମଧ୍ୟାହ୍ନ ଭୋଜନ ବିରତି ଘୋଷଣା କରିବା, ବାର୍ଷିକ କ୍ୟାଲେଣ୍ଡର ଏବଂ ଟାଇମଟେବୁଲ ଛାପି ପ୍ରଦାନ କରିବା,ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋର୍ସ ସାରିବା, କରିବା, ଇଲେକ୍ଟିଭ୍ ଓ ଏମ.ଡି.ସି ବିଷୟ ଚୟନରେ ଥିବା ସମସ୍ତ ଅସୁବିଧା ଓ ଅନିୟମିତତା ଦୂର କରିବା, ପରୀକ୍ଷା ପରିଚାଳନା ଏବଂ ଫଳ ପ୍ରକାଶନରେ ଥିବା ସମସ୍ତ ଅନିୟମିତତା ଦୂର କରିବା, ମିଡ୍-ସେମିଷ୍ଟର ପରୀକ୍ଷାର ସୂଚନା ସର୍ବନିମ୍ନ ୧୫ ଦିନ ପୂର୍ବରୁ ଜଣାଇବା, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯେପରି ସ୍ନାତକ ଷଷ୍ଠ ସେମିଷ୍ଟର ପରୀକ୍ଷା ଏବଂ ସ୍ନାତକୋତ୍ତର ନାମଲେଖା ପ୍ରବେଶିକା ପରୀକ୍ଷା ଏକା ସମୟରେ ନହୁଏ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା, ଗୋଟିଏ ମହିଳା ହଷ୍ଟେଲର ଅନ୍ତେବାସୀଙ୍କୁ ଅନ୍ୟ ମହିଳା ହଷ୍ଟେଲକୁ ପ୍ରବେଶ ପାଇଁ ଅନୁମତି ଦିଆଯିବା ସହିତ ମହିଳା ହଷ୍ଟେଲକୁ ଆସୁଥିବା ଅଭିଭାବକମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରିବା, ସମସ୍ତ ବିଭାଗ ଏବଂ ହଷ୍ଟେଲରେ ସଠିକ୍ ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା, କ୍ୟାମ୍ପସରେ ଜଳବନ୍ଦୀ ସମସ୍ୟା ସମାଧାନ କରିବା, ମହାନଦୀ କ୍ୟାମ୍ପସର ଶ୍ରେଣୀଗୃହ ଏବଂ ଅଡିଟୋରିୟମରେ ବସିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ମହାନଦୀ କ୍ୟାମ୍ପସ ଭିତରେ ସ୍ଥାୟୀ କ୍ୟାଣ୍ଟିନ ସୁବିଧା କରିବା, ମହାନଦୀ କ୍ୟାମ୍ପସରୁ ମୁଖ୍ୟ କ୍ୟାମ୍ପସ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ନିଜସ୍ୱ ବସ୍ ସେବା ବ୍ୟବସ୍ଥା କରିବା, କ୍ୟାମ୍ପସ ମଧ୍ୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଟେରୀ ଚାଳିତ ଗାଡ଼ି ସେବାକୁ ନିୟମିତ କରିବା, ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ଓ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା, କ୍ୟାମ୍ପସରେ ସୁସ୍ଥ ଶୈକ୍ଷିକ ଏବଂ ଗଣତାନ୍ତ୍ରିକ ପରିବେଶକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସହିତ ତୁରନ୍ତ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ପଦକ୍ଷେପ ଗ୍ରହଣ କରିବା ଆଦି ୨୪ ଦଫା ଦାବିରେ ଏଆଇଡିଏସଓ ରେଭେନସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତିଙ୍କ ଅଫିସ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ ବିଶ୍ୱବିଦ୍ୟାଳୟ କମିଟିର ଉପ-ସଭାପତି କସକ ଜେନା ଓ ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଛାତ୍ରନେତା ଅଶ୍ୱିନୀ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତ ମଲ୍ଲିକ, ଅଭିଜିତ୍ ଜେନା, ସ୍ୱପ୍ନାରାଣୀ ପ୍ରଧାନ, ରୁଦ୍ର ମାଧବ ନାଏକ, ଜଗନ୍ନାଥ ଶାନ୍ତ, ଖଗେଶ୍ୱର ଓରାମ, ଜ୍ୟୋତିରଂଜନ ମାହନ୍ତ ପ୍ରମୁଖ କୁଳପତିଙ୍କ ଉଦ୍ଦେଶ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି କର୍ତ୍ତୃପକ୍ଷ ଅବିଳମ୍ବେ ଦାବି ପୂରଣ ନକରନ୍ତି, ଆଗାମୀ ଦିନରେ ଶକ୍ତିଶାଳୀ ଆନ୍ଦୋଳନ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି ।

# ବଲାଙ୍ଗୀର ଜିଲ୍ଲା କାରାଗାରରେ ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଲାଙ୍ଗୀର(ଏନ୍.ଏମ୍.):** ଜିଲ୍ଲା କାରାଗାରରେ ଶନିବାର ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇପଡ଼ିଛି । ମୃତ ବ୍ୟକ୍ତି ହେଲେ ଭୀଷ୍ମଦେବ ସାହୁ ଓରଫ ଗୋପାଳ (୩୭) ।

ସୂଚନା ଅନୁସାରେ, ବଲାଙ୍ଗୀର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ ଗୋପାଳ ୨୦୨୧ମସିହାରେ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇଥିଲା । ବର୍ଷେ ତଳେ ଭୀଷ୍ମଦେବଙ୍କୁ କୋର୍ଟ ଆଜୀବନ ଦଣ୍ଡରେ ଦଣ୍ଡିତ କରିଥିଲେ । ହେଲେ ଶନିବାର ଦିନ ଜେଲ କର୍ତ୍ତୃପକ୍ଷ ଝୁଲନ୍ତା ଅବସ୍ଥାରେ ଭୀଷ୍ମଦେବଙ୍କ ମୃତଦେହ ଉଦ୍ଧାର କରିଥିଲେ । ଭୀଷ୍ମଦେବଙ୍କ କୁଶଙ୍ଗ ଗାଁରେ ଥିବା ପରିବାର ଲୋକଙ୍କୁ ଭୀଷ୍ମ ଜେଲ୍ ଭିତରେ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ । ଜେଲ କର୍ତ୍ତୃପକ୍ଷ ଭୀମଭୋଇ ମେଡିକାଲ କଲେଜକୁ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଆଣିଥିବା ଜଣାପଡ଼ିଛି । ମାତ୍ର ପରିବାର ଲୋକେ ଭୀଷ୍ମଦେବଙ୍କୁ ଜେଲ୍ ଭିତରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ କହିଛନ୍ତି ।




# ନ୍ୟାର୍ଯ୍ୟ ଦାବି ପାଇଁ ୯ଶହ ଦିନରେ ପହଞ୍ଚିଲା ଶ୍ରମିକଙ୍କ ଧାରଣା




କଟକ(ଏନ୍.ଏମ୍.): ଶ୍ରମିକମାନଙ୍କ ବକେୟା ଟଙ୍କା ରଖିଛି କସବୋର୍ଡ କମ୍ପାନୀ । ବକେୟା ପାଉଣା ପାଇଁ ଆଜିକୁ ୯ ଶହ ଦିନରେ ପହଁଚିଛି ଶ୍ରମିକଙ୍କ ଧାରଣା । ତଥାପି କମ୍ପାନୀ ମୁହଁରେ ବନ୍ଧା ହୋଇଛି ତୁଣ୍ଡି । ଏ ସମସ୍ୟା ନେଇ ବାରମ୍ବାର ପ୍ରଶାସନକୁ ଗୁହାରି ଜଣାଇଥିଲେ ସୁଦ୍ଧା କିଛି ନିଷ୍କର୍ଷ ବାହାରି ପାରିନାହିଁ । ଅନ୍ୟପଟେ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ବେଖାତିର କରି ଚାଲିଛି କମ୍ପାନୀ । ଆଜି ଏ ନେଇ କଚେରୀ ଗଡା ଠାରେ ପୁଣି ଥରେ ଧାରଣକୁ ଓହ୍ଲାଇଛନ୍ତି ଶ୍ରମିକମାନେ । କଟକ ଜଗତପୁର ଶିଳ୍ପାଞ୍ଚଳରେ ବହୁ ବର୍ଷ ଧରି କମ୍ପାନୀ ଚଲାଇ ଆସୁଥିବା କସବୋର୍ଡ କମ୍ପାନୀରେ ଦୀର୍ଘ ବର୍ଷ ଧରି କାମ କରି ଆସୁଥିଲେ ଶ୍ରମିକ ମାନେ । ହେଲେ କୌଣସି କାରଣ ବଶତଃ କମ୍ପାନୀ ବନ୍ଦ ହୋଇଯାଇଥିଲା ବେଳେ ପୁନଃ କମ୍ପାନୀ ଚାଲୁ କରିଥିଲେ କମ୍ପାନୀ ମାଲିକ ବିମଲ ଅଗ୍ରୱାଲ । ଦୀର୍ଘ ବର୍ଷ ଧରି କାମ କରି ଆସୁଥିବା ଶ୍ରମିକଙ୍କ ଆଜି ଯାଏ ବକେୟା ଦରମା ଦିଆଯାଇନାହିଁ । ହେଲେ କମ୍ପାନୀ ଶ୍ରମିକଙ୍କ ନାଁରେ ମିଥ୍ୟା କେସ କରି ହଇରାଣ କରିଥିଲା । ପରବର୍ତ୍ତୀ ସମୟରେ ଶ୍ରମିକମାନେ କୋର୍ଟକୁ ଯାଇଥିଲେ । ଆଉ ବକେୟା ପାଉଣା ଦେବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ । ତେବେ ଅଦାଲତଙ୍କ ନିର୍ଦ୍ଦେଶକୁ ଖିଲାପ କରି କମ୍ପାନୀ ବକେୟା ଦରମା ଦେଉନାହିଁ ବୋଲି ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସଭାପତି ବସନ୍ତ ସାହୁ କହିଛନ୍ତି । ଅନ୍ୟପଟେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଶ୍ରମିକ ମାନଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଲାଣି ।

# ମାଓ ମୁକ୍ତ ହେଉଛି କନ୍ଧମାଳ ଜିଲ୍ଲା



**କନ୍ଧମାଳ(ଏନ୍.ଏମ୍.):** କନ୍ଧମାଳ ଜିଲ୍ଲା ହେଉଛି ମାଓବାଦୀ ମୁକ୍ତ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ତତ୍ପରତା ବୃଦ୍ଧି ପାଇଛି । ରାଜ୍ୟ ପୋଲିସ ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ, କନ୍ଧମାଳ ଏସପି ହରିଶ ବିଶିଙ୍କ ନେତୃତ୍ୱରେ ମାଓ ଅପରେସନକୁ ଜୋରଦାର କରାଯାଇଛି । ପୋଲିସର ଲଗାତାର ଚାପ ଯୋଗୁଁ ଭୟଭୀତ ହୋଇ କିଛି କଠୋରପନ୍ଥୀ ମାଓବାଦୀ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ, ଗତ ବୁଧବାର ଜଣେ ରାଜ୍ୟ କମିଟି ସଦସ୍ୟଙ୍କ ସମେତ ମୋଟ ୧୧ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୭ ଜଣ ମହିଳା ଓ ୩ ଜଣ ପୁରୁଷ ରହିଛନ୍ତି । ଏହି ଆତ୍ମସମର୍ପଣକାରୀ ମାଓବାଦୀଙ୍କ ଉପରେ ରାଜ୍ୟ ସରକାର ମୋଟ ୧ କୋଟି ୬୫ ଲକ୍ଷ ୬୨ ହଜାର ୨୭୫ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏ ସମ୍ପର୍କରେ ଏଡିଜି ସଞ୍ଜୀବ ପଣ୍ଡା ଏବଂ ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କେକେବିଏନ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିତୁ ରହିଛନ୍ତି, ଯାହାଙ୍କ ଉପରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ଥିଲା । ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ର ଅନୁପା, ସଂଗୀତା, ସୁନୀଲଙ୍କ ଭଳି ଅନେକ ବରିଷ୍ଠ ମାଓବାଦୀ ମଧ୍ୟ ସାମିଲ ଅଛନ୍ତି । ଏହି ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ, ବାକି ଥିବା ମାଓବାଦୀମାନଙ୍କୁ ମଧ୍ୟ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରାଯାଇଛି । ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳକୁ ମାଓବାଦୀ ମୁକ୍ତ କରିବା ପାଇଁ ଅପରେସନକୁ ତୀବ୍ର କରାଯାଇଛି । ଟପ ମାଓନେତା ଶୁକ୍ରୁଙ୍କୁ ମଧ୍ୟ ଆତ୍ମସମର୍ପଣ ପାଇଁ ଅପିଲ କରିଛନ୍ତି ଏଡିଜି ସଞ୍ଜୀବ ପଣ୍ଡା ।

# ଯୁଦ୍ଧ ଆଳରେ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଏସୟୁସିଆଇର ବିକ୍ଷୋଭ

**କଟକ(ଏନ୍.ଏମ୍.):** କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ଯୁଦ୍ଧ ଆଳରେ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧିକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ପ୍ରତିବାଦରେ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି ଯେ, ତୈଳର କୌଣସି ସଙ୍କଟ ନଥାଇ ଯୁଦ୍ଧ ବାହାନାରେ କେନ୍ଦ୍ର ବିଜେପି ସରକାର କମ୍ପାନୀମାନଙ୍କ ସ୍ୱାର୍ଥରେ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରିଛି । ଗୋଟିଏ ପଟରେ ଦରଦାମ୍ ବଢ଼ି ଚାଲିଛି ଅନ୍ୟ ପଟରେ ସାଧାରଣ ଲୋକଙ୍କ ରୋଜଗାର କମିଚାଲିଛି, ବେକାରୀ ଭୟଙ୍କର ହୋଇଛି । ଫଳରେ ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇପଡିଛି । ପେଟ୍ରୋଲ ଡିଜେଲର ଦର ବୃଦ୍ଧି ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆହୁରି ବୃଦ୍ଧି ପାଉଛି । ଏହି ସମୟରେ ରନ୍ଧନ ଗ୍ୟାସର ଦରବୃଦ୍ଧି ବେଡ଼ି ଉପରେ କୋରଡ଼ା ସଦୃଶ ହୋଇଛି । ସେଥିପାଇଁ ବର୍ଦ୍ଧିତ ଗ୍ୟାସ ଦର୍ ହ୍ରାସ କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭରେ କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଦସ୍ୟ ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ଈଶା ଧର, ପାର୍ଟି ସଦସ୍ୟ ପ୍ରିୟଦର୍ଶନ ପାଭେଲ, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ମିଶ୍ର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସୋଭା ଦେହୁରୀ, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଜୋସ୍ନାରାଣୀ ଦାସ, ସୁଜାତା ମହାପାତ୍ର, କେ. ଶ୍ରୀନିବାସ ରେଡି ପ୍ରମୁଖ ନେତୃତ୍ୱ ନେଇଥିଲେ ।




# ଚାଷୀଙ୍କ ହକ୍ ପାଇଁ କୃଷକ ସଂଗଠନ ଘଟଗାଁରୁ ଭୁବନେଶ୍ୱର ପଦଯାତ୍ରା

ବାରିପଦା(ଏନ୍.ଏମ୍.): ନବନିର୍ମାଣ କୃଷକ ସଂଗଠନର 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ' ଆସନ୍ତା ମାର୍ଚ୍ଚ ୨୨ରୁ ୩୧ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚାଷୀକୁଳର ନ୍ୟାର୍ଯ୍ୟ ଅଧିକାର, କୃଷି ଓ କୃଷକର ସୁରକ୍ଷା ନିମନ୍ତେ ଏହି ଆନ୍ଦୋଳନ କରାଯାଉଛି । ସଂଗଠନ ପକ୍ଷରୁ ୨୧ ଦଫା ଦାବି ଉପସ୍ଥାପିତ କରାଯାଇଛି । ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ମାସିକ ୫,୦୦୦ ଟଙ୍କା ପେନସନ, ଧାନର କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୫,୦୦୦ ଟଙ୍କାକୁ ବୃଦ୍ଧି ଏବଂ ଅନ୍ୟ ୨୩ଟି ଫସଲରେ ଏମଏସପି ନିର୍ଦ୍ଧାରଣ, ଚାଷୀଙ୍କୁ ସମ୍ପୂର୍ଣ୍ଣ କୃଷି ଋଣମୁକ୍ତ କରିବା ଓ ବିନା ସୁଧରେ ଋଣ ପ୍ରଦାନ, ଚାଷୀଙ୍କୁ 'ରାଷ୍ଟ୍ରର ସେବକ'



ମାନ୍ୟତା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସୁନିଶ୍ଚିତ କରିବା, ଓଡ଼ିଶାର ଖଣି, ଜମି, ଜଳ ଓ ଜଙ୍ଗଲକୁ କର୍ପୋରେଟ୍ ସଂସ୍ଥାଙ୍କ କବଳରୁ ରକ୍ଷା କରିବା, ଚାଷୀଙ୍କୁ ସମ୍ପୂର୍ଣ୍ଣ ମାଗଣା ବିଦ୍ୟୁତ୍ ଏବଂ ସାଧାରଣ ଗ୍ରାହକଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରଦାନ କରିବା ଭଳି ଦାବି ରଖିଛି । ସଂଗଠନର ଆବାହକ ଅକ୍ଷୟ କୁମାର ସମସ୍ତ ଚାଷୀ, ମୂଲିଆ, ମହିଳା ଓ ଯୁବପିଢ଼ିଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି । ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ଚାଷୀଙ୍କ ଅର୍ଥନୈତିକ ସ୍ଥିତି ସୁଧାରିବା ଓ ଓଡ଼ିଶାକୁ ଏକ ସମୃଦ୍ଧ କୃଷିଭିତ୍ତିକ ରାଜ୍ୟରେ ପରିଣତ କରିବା। ଏହି ପରିପ୍ରେକ୍ଷୀରେ ବାରିପଦାଠାରେ କୃଷକ ସଂଗଠନ ପକ୍ଷରୁ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ରଖିଛନ୍ତି ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଚିନୁ ଦାସ ଓ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ।




# ଭାରତୀୟ ଦଳକୁ ୧୩୧ କୋଟି ଦେବ ବିସିସିଆଇ



**ନୂଆଦିଲ୍ଲୀ (ଏଜେନ୍ସି) :** ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ପରେ ଭାରତୀୟ ଦଳକୁ ପୁରସ୍କୃତ କରିବ ବିସିସିଆଇ। ଦଳକୁ ମୋଟ ୧୩୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହି ରାଶିକୁ ଭାରତୀୟ ଦଳ, ପ୍ରଶିକ୍ଷଣ ଦଳ, ସହାୟକ କର୍ମଚାରୀମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ଏହା ଏପର୍ଯ୍ୟନ୍ତ ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ସର୍ବାଧିକ ଆର୍ଥିକ ପୁରସ୍କାର। ୨୦୨୪ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦଳକୁ ବିସିସିଆଇ ୧୨୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଥିଲା। ଗତ ବର୍ଷ ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳକୁ ବୋର୍ଡ ପକ୍ଷରୁ ୫୧ କୋଟି ଟଙ୍କା ଓ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ବରିଷ୍ଠ ପୁରୁଷ ଦଳକୁ ୫୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ବିସିସିଆଇ ବାର୍ଷିକ ପୁରସ୍କାର ସମାରୋହରେ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳକୁ ପୁରସ୍କୃତ କରାଯିବ। ଏହା ସହିତ ଗତ ଏକ ବର୍ଷ ମଧ୍ୟରେ ଆଇସିସି ଟ୍ରଫି ଜିତି ଥିବା ଭାରତୀୟ ବରିଷ୍ଠ ମହିଳା ଦଳ, ୧୯ବର୍ଷରୁ କମ ପୁରୁଷ ଓ ମହିଳା ଦଳକୁ ମଧ୍ୟ ପୁରସ୍କୃତ କରାଯିବ ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଯେ ଏହି ପୁରସ୍କାର ସମାରୋହରେ ବିଭିନ୍ନ ଫର୍ମାଟ୍ ଓ ବୟସ ଶ୍ରେଣୀରେ ଆଇସିସି ଟ୍ରଫି ଜିତିଥିବା ଭାରତୀୟ ଦଳର ସମସ୍ତ ସଦସ୍ୟ, ପ୍ରଶିକ୍ଷକ ଓ ସହାୟତା କର୍ମଚାରୀମାନଙ୍କୁ ପୁରସ୍କୃତ କରାଯିବ। ଗତ ଏକ ବର୍ଷ ମଧ୍ୟରେ ବିଭିନ୍ନ ଫର୍ମାଟ୍ ଓ ବୟସ ଶ୍ରେଣୀରେ ଭାରତ ମୋଟ ପାଞ୍ଚଟି ଆଇସିସି ଟ୍ରଫି ଜିତିଛି। ନିକଟରେ ଭାରତୀୟ ବରିଷ୍ଠ ପୁରୁଷ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିଥିବାବେଳେ ଗତ ଜାନୁଆରି-ଫେବ୍ରୁଆରିରେ ଜିମ୍ବାୱେରେ ଆୟୋଜିତ ୧୯ ବର୍ଷରୁ କମ ପୁରୁଷ ବିଶ୍ୱକପ୍ ଜିତିଥିଲା। ଗତ ବର୍ଷ ଭାରତୀୟ ବରିଷ୍ଠ ମହିଳା ଦଳ ଦିନିକିଆ ବିଶ୍ୱକପ୍ ଓ ୧୯ ବର୍ଷରୁ କମ ମହିଳା ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟୀ ହୋଇଥିଲା। ସେହିପରି ଭାରତୀୟ ବରିଷ୍ଠ ପୁରୁଷ ଦଳ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।

# ଏସିଆନ୍ କପ୍ ମହିଳା ଫୁଟବଲ୍ : ଭାରତ ବିଦାୟ

**ସିଡ୍‌ନି (ଏଜେନ୍ସି) :** ଅଷ୍ଟ୍ରେଲିଆର ପଶ୍ଚିମ ସିଡ୍‌ନି ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ସି'ର ଶେଷ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇଠାରୁ ୩-୧ ଗୋଲ୍ ବ୍ୟବଧାନରେ ହାରି ଭାରତ ଏଏଫସି ମହିଳା ଏସିଆନ କପ୍ ୨୦୨୬ରୁ ବିଦାୟ ନେଇଛି। କ୍ୱାର୍ଟର-ଫାଇନାଲ୍‌ରେ ପ୍ରବେଶ ପାଇଁ ଏହି ମ୍ୟାଚ୍‌ଟି ଜିତିବା ଭାରତ ଲାଗି ଜରୁରୀ ହୋଇଥିବାବେଳେ ଉନ୍ନତ ଖେଳ ପ୍ରଦର୍ଶନ କରି ତାଇପେଇ ଦଳ ବାଜି ମାରିନେଇଥିଲା। ଅନ୍ୟପକ୍ଷରେ ଭାରତୀୟ ଦଳକୁ ଏକାଧିକ ସୁଯୋଗ ମିଳିଥିଲେ ବି ସେଗୁଡ଼ିକୁ ଗୋଲ୍‌ରେ ପରିବର୍ତ୍ତନ କରିପାରିନଥିଲା। ତାଇପେଇ ପକ୍ଷରୁ ପ୍ରଥମ ଗୋଲ୍ ମ୍ୟାଚ୍‌ର ୧୨ତମ ମିନିଟ୍‌ରେ ଓ୍ୱାଇ.ଏଚ୍.ସୁ ଦେଇଥିବାବେଳେ



୩୯ତମ ମିନିଟ୍‌ରେ ଭାରତର ମନୀଷା କଲ୍ୟାଣ ଏକ ଚମତ୍କାର ଗୋଲ୍ ଦେଇ ସ୍କୋରକୁ ବରାବର କରିଥିଲେ। କିନ୍ତୁ ପ୍ରଥମ ଅର୍ଦ୍ଧେକ ଶେଷ ହେବା ପୂର୍ବରୁ ଭାରତର ଗୋଲ୍ ରକ୍ଷକ ପାନ୍ଥୋଇ ଚାନୁଙ୍କ ଏକ ଆତ୍ମଘାତୀ ଗୋଲ୍ ତାଇପେଇକୁ ୨-୧ରେ ଅଗ୍ରଣୀ କରିଥିଲା। ୭୭ତମ ମିନିଟ୍‌ରେ ତାଇପେଇ ପକ୍ଷରୁ ଓ୍ୱାଇ.ସି.ଚେନ୍ ତୃତୀୟ ଗୋଲ୍ ଦେଇ ଦଳର ବିଜୟ ନିଶ୍ଚିତ କରିଥିଲେ। ଏହି ପ୍ରତିଯୋଗିତାରେ ଭାରତ ପୂର୍ବରୁ ଜାପାନ ଓ ଭିଏତ୍‌ନାମଠାରୁ ପରାସ୍ତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଲାଗି ଭାରତ ତାଇପେଇକୁ ଅତିକମରେ ୨ଟି ଗୋଲ୍ ବ୍ୟବଧାନରେ ଓ ଜାପାନ ଭିଏତ୍‌ମାନକୁ ପରାସ୍ତ କରିବା ଆବଶ୍ୟକ ଥିଲା।

## ଲକ୍ଷ୍ୟ ପୁଣି ଲକ୍ଷ୍ୟହୀନ, ରନର୍ ଅପ୍ ରହିଲେ

# ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଫାଇନାଲ୍‌ରେ ପରାସ୍ତ



**ବର୍ମିଂହାମ (ଏଜେନ୍ସି) :** ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଫାଇନାଲ୍‌ରେ ହାରିଯାଇଛନ୍ତି ଭାରତୀୟ ତାରକା ଲକ୍ଷ୍ୟ ସେନ୍। ଫଳରେ ୨୦୨୨ ମସିହା ଭଳି ପୁଣି ରନର୍ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଏଥି ସହିତ ଲକ୍ଷ୍ୟଙ୍କ ଅଲ୍ ଇଂଲଣ୍ଡ ଟାଇଟଲ୍ ସ୍ୱପ୍ନ ଅଧୁରା ରହିଯାଇଛି। ରବିବାରର ଫାଇନାଲ୍ ?ରେ ୨୪ ବର୍ଷୀୟ ଲକ୍ଷ୍ୟଙ୍କୁ ଚାଇନିଜ୍ ତାଇପେଇର ବାମହାତୀ ସଟ୍‌ଲର୍ ଲିନ୍ ଚୁନ୍-ୟି ୨୧-୧୫, ୨୨-୨୦ରେ ହରାଇ ଦେଇଥିଲେ। ପୂର୍ବ ରାତିରେ ଖେଳାଯାଇଥିବା ସେମିଫାଇନାଲ୍‌ରେ ଲକ୍ଷ୍ୟ ୧ ଘଣ୍ଟା ୩୭ ମିନିଟ୍ ଲଢ଼େଇ କରିଥିବାରୁ କ୍ଲାନ୍ତ ହୋଇପଡ଼ିଥିବା ପ୍ରଥମ ଗେମ୍‌ରୁ ହିଁ ପ୍ରତିଫଳିତ ହୋଇଥିଲା। ତଥାପି ଦ୍ୱିତୀୟ ଗେମ୍‌ରେ ଲକ୍ଷ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ଲଢ଼ିଥିଲେ ମଧ୍ୟ ଲିନ୍ ବାଟ ଛାଡ଼ିନଥିଲେ। ପୂର୍ବରୁ ଲକ୍ଷ୍ୟ ୨୦୨୨ ମସିହାରେ ପ୍ରଥମ ଥର ଫାଇନାଲ୍ ଖେଳିଥିଲେ ମଧ୍ୟ ଡେନ୍‌ମାର୍କର ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ହାରି ଉପବିଜେତା ହୋଇଥିଲେ। ଆଉ ଏକ ଫାଇନାଲ୍ ପରାଜୟ ସତ୍ତ୍ୱେ ଲକ୍ଷ୍ୟଙ୍କୁ କିନ୍ତୁ ସମର୍ଥନ କରିଛନ୍ତି ଡବଲ୍ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ। '୨୪ ଘଣ୍ଟା ଭିତରେ ଦୁଇଟି ମ୍ୟାଚ୍ ଖେଳିବା କେବେ ସହଜ ହୁଏ ନାହିଁ' ବୋଲି ସିନ୍ଧୁ ନିଜ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଲେଖିଛନ୍ତି।

# ବିଶ୍ୱବିଜେତା ହେବା ପଛରେ ୬ଟି ପ୍ରମୁଖ ପାହାଚ

**ମୁମ୍ବାଇ, ୧୦।୩ (ଏଜେନ୍ସି) :** ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ ବିଶ୍ୱ ବିଜେତା ବୋଲି ପ୍ରମାଣ ଦେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବିଶ୍ୱ ବିଜେତା ହେବା ପଛରେ ୬ଟି ମୁଖ୍ୟ ଉପାଦାନ ରହିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି।

**୧. ସଙ୍କଟମୋଚକ ସୂର୍ଯ୍ୟ:** ଭାରତୀୟ ଦଳ ନିଜ ପ୍ରଥମ ମ୍ୟାଚ୍ ଆମେରିକା ବିପକ୍ଷରେ ଖେଳି ପ୍ରାରମ୍ଭିକ ସଙ୍କଟରେ ପଡ଼ିଥିଲା। ୧୩ ଓଭର ଶେଷ ନ ହେଉଣୁ ଦଳ ମାତ୍ର ୭୭ ରନ୍‌ରେ ୬ ୱିକେଟ୍ ହରାଇଦେଇଥିଲା। ଏହି ସମୟରେ ଅଧିନାୟକ ସୂର୍ଯ୍ୟକୁମାର ସଙ୍କଟମୋଚକ ସାଜି ମାତ୍ର ୪୯ ବଲ୍‌ରେ ୮୪ଅ ରନ୍ କରି ଭାରତୀୟ ବିଜୟରେ ବଡ଼ ଭୂମିକା ଗ୍ରହଣ କରିଥିଲେ।

**୨. ଈଶାନଙ୍କ ବିସ୍ଫୋରକ ବ୍ୟାଟିଂ:** ଗୁରୁତ୍ୱପୂର୍ଣ୍ଣ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାକିସ୍ତାନୀ ସ୍ପିନର୍‌ମାନେ ଭାରତୀୟ ବ୍ୟାଟର୍‌ଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। କିନ୍ତୁ ଈଶାନ କିଶନଙ୍କ ବିସ୍ଫୋରକ ପାଳି ପାକିସ୍ତାନର ସବୁ ଯୋଜନାରେ ପାଣି ପକାଇଦେଇଥିଲା। ମାତ୍ର ୪୦ ବଲ୍‌ରୁ ସେ ଖେଳିଥିବା ୭୭ ରନ୍‌ର ପାଳି ପାକିସ୍ତାନକୁ ମହଙ୍ଗା ପଡ଼ିଥିଲା ଏବଂ ଭାରତ ୬୧ ରନ୍‌ରେ ବିଜୟୀ ହୋଇଥିଲା।



**୩.ଦୁବେଙ୍କ ଅଲ୍‌ରାଉଣ୍ଡ ସଫଳତା:** ଭାରତର ବିଶ୍ୱକପ୍ ବିଜୟରେ ଶିବମ ଦୁବେଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ନେଦରଲାଣ୍ଡ୍‌ସ ବିପକ୍ଷ ମ୍ୟାଚ୍‌ରେ ଦୁବେ ମାତ୍ର ୩୧ ବଲ୍‌ରୁ ୬୬ ରନ୍ କରିଥିଲେ ଏବଂ ୨ ୱିକେଟ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଦଳ ପରାଜୟ ବରଣ କରିଥିଲେ ବି ସେ ଏକାକୀ ଲଢ଼ିଥିଲେ।

**୪. ସଞ୍ଜୁ ସାମ୍‌ସନ୍‌ଙ୍କ ଚମତ୍କାର:** ଭାରତ ବିଶ୍ୱ ବିଜେତା ହେବା ପଛରେ ସଂଜୁ ସାମ୍‌ସନ୍‌ଙ୍କ ସବୁଠାରୁ ବଡ଼ ଅବଦାନ ରହିଛି ବୋଲି କୁହାଯାଇପାରେ। ସୁପର-୮ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ଅପରାଜିତ ରନ୍‌ର ପାଳି ଖେଳି ସେ ଭାରତର ସେମିଫାଇନାଲ୍ ରାସ୍ତା ଖୋଲିଦେଇଥିଲେ। ସେହିପରି ସେମିଫାଇନାଲ୍ ଓ ଫାଇନାଲ୍‌ରେ ସେ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

**୫.ବୁମ୍‌ରାଙ୍କ ବୋଲିଂ:** ଭାରତର ବିଶ୍ୱବିଜୟରେ ଆଉ ଜଣେ ପ୍ରମୁଖ ବିନ୍ଧାଣୀ ଥିଲେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା। ସେମିଫାଇନାଲ୍‌ରେ ଭାରତ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ବି ଇଂଲଣ୍ଡ ବିସ୍ଫୋରକ ବ୍ୟାଟିଂ କରି ବିଜୟ ଛଡ଼େଇନେବାକୁ ବସିଥିଲା। କିନ୍ତୁ ମ୍ୟାଚ୍‌ର ୧୬ତମ ଓ ୧୮ତମ ଓଭରରେ ବୁମ୍‌ରା କରିଥିବା ଚମତ୍କାର ବୋଲିଂ ଇଂଲଣ୍ଡ ହାତରୁ ମ୍ୟାଚ୍‌କୁ ଛଡ଼ାଇ ଆଣିଥିଲା। ଏହି ଦୁଇ ଓଭରରେ ସେ ଯଥାକ୍ରମେ ମାତ୍ର ୮ ଓ ୬ ରନ୍ ବ୍ୟୟ କରିଥିଲେ।

**୬. ଅକ୍ଷରଙ୍କ କ୍ୟାଚ୍:** ଯଦି ଅକ୍ଷର ପଟେଲ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍ ମ୍ୟାଚ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଧରି ନଥାନ୍ତେ, ତେବେ ଭାରତ ଫାଇନାଲ୍‌କୁ ଯିବା ଅସମ୍ଭବ ହୋଇଥାନ୍ତା। ୫ମ ଓଭରରେ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେବା ସହ ହ୍ୟାରି ବ୍ରୁକ୍‌ଙ୍କୁ ପାଭିଲିୟନ୍ ଫେରାଇ ଦେଇଥିଲେ। ସେହିପରି ୧୪ତମ ଓଭରରେ ସେ ବିପଜ୍ଜନକ ୱିଲ୍ ଜାକ୍ସଙ୍କ ଏକ ନିଶ୍ଚିତ ଛକାକୁ ବାଉଣ୍ଡରି ଉପରେ କ୍ୟାଚ୍‌କରି ଭାରସାମ୍ୟ ହରାଇବା ପୂର୍ବରୁ ବଲ୍‌କୁ ଶିବମ ଦୁବେଙ୍କୁ ଧରାଇଦେଇଥିଲେ।

## ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ପେନ୍‌ଚାକ୍ ସିଲାଟ୍

# ଓଡ଼ିଶା ଓଭରଅଲ୍ ବିଜେତା

**ଭୁବନେଶ୍ୱର (ଏଜେନ୍ସି) :** ଝାରସୁଗୁଡ଼ାର ମଙ୍ଗଳାବଜାରସ୍ଥିତ ଅଡିଟୋରିୟମ୍ ସହ କ୍ରୀଡ଼ା ପ୍ରାଙ୍ଗଣରେ ଆୟୋଜିତ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ୍ ସିଲାଟ୍ ଲିଗ୍‌ରେ ଓଡ଼ିଶା ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ଟି କାଂସ୍ୟ ସହ ମୋଟ ୮୦ ପଦକ ଜିତିଛି। ତା' ସହିତ ଓଭରଅଲ୍ ବିଜେତା ହେବାର ଗୌରବ ଅର୍ଜନ କରିଛି। ନାଗାଲାଣ୍ଡ ଉପବିଜେତା ହୋଇଥିଲା ବେଳେ ଆସାମ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତୀୟ ପେନ୍‌ଚାକ୍ ସିଲାଟ୍ ମହାସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଚଳିତ ମାର୍ଚ୍ଚ ୭ ଓ ୮ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ପୂର୍ବ ଭାରତର ୧୨ ରାଜ୍ୟରୁ ୬୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ 'ସାଇ'ର ଭାରପ୍ରାପ୍ତ ଅଧିକାରୀ ଅଭୟ ଦେବ ମୁଖ୍ୟ ଅତିଥି, ବରିଷ୍ଠ ଅଧିକାରୀ ସନ୍ତୋଷ କୁମାର ସାହୁ, ରାକେଶ କୁମାର ଶୁକଦେବ, କିରଣ କଶ୍ୟପ, ଭାରତୀୟ ପେନ୍‌ଚାକ୍ ସିଲାଟ ମହାସଂଘର ସଭାପତି ତାରିକ ଅହମଦ ଓ ପ୍ରତିଯୋଗିତା ନିର୍ଦ୍ଦେଶକ ଆଦିଲ ମଜଦୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା




ସଶସ୍ତ୍ର ପୁଲିସ ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡ଼ାର କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥି ଥିଲେ ସମ୍ବଲପୁର ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଲେଙ୍କା। ଓଡ଼ିଶା ପେନ୍‌ଚାକ୍ ସିଲାଟ୍ ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା, ଭବାନୀ କୁମାରୀ ସାହୁ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିଥିଲେ। ଓଡ଼ିଶା ଦଳର ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଖେଳାଳି, କୋଚ୍ ଓ ଦଳ ସଦସ୍ୟମାନଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଯାଇଛି।

# ଭାରତୀୟ ଦଳର ବିସ୍ଫୋରକ ଶୈଳୀକୁ ସଚିନଙ୍କ ପ୍ରଶଂଶା

**ମୁମ୍ବାଇ(ଏଜେନ୍ସି) :** ଭାରତୀୟ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରେ ପ୍ରଶଂସାର ସୁଅ ଛୁଟିଛି। ତେବେ ସୋସିଆଲ୍ ମିଡିଆରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ଅଭିନନ୍ଦନ ବାର୍ତ୍ତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉଭୟ କିମ୍ବଦନ୍ତୀ ଖେଳାଳୀ ଭାରତୀୟ ଦଳ ନିର୍ଭୟ ତଥା ବିସ୍ଫୋରକ ଶୈଳୀକୁ ପ୍ରସଂଶା କରିଛନ୍ତି। ବିଶେଷକରି ସଚିନ ଭାରତୀୟ ଦଳର ଆକ୍ରାମକ ଖେଳକୁ କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ ବୋଲି କହିଛନ୍ତି। 'ଏକ୍ସ' ରେ ଭାରତୀୟ ଦଳକୁ ଅଭିନନ୍ଦନ ବାର୍ତ୍ତା ଜଣାଇ



ସଚିନ ଲେଖିଛନ୍ତି "ଲଗାତାର ଦ୍ୱିତୀୟ ଥର ପାଇଁ ବିଶ୍ୱକପ ବିଜୟ, ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ପ୍ରଥମ ଥର ପାଇଁ କୌଣସି ଦଳ ଏହି ସଫଳତା ହାସଲ କରିଛି। ଏଥିପାଇଁ ଭାରତ ସଂପୂର୍ଣ୍ଣ ଯୋଗ୍ୟ ଓ ଟ୍ରଫିର ଉଚିତ୍ ବିଜେତା। ଆମ ଦଳର କି ଚମତ୍କାର ବିଜୟ! କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍‌ର ପ୍ରଦର୍ଶନ। ସାବାସ୍ ଟିମ୍ ଇଣ୍ଡିଆ, ଜୟ ହିନ୍ଦ୍!''। ସେହିପରି ବିରାଟ କୋହଲି ମଧ୍ୟ ଇନଷ୍ଟାଗ୍ରାମ୍ ମାଧ୍ୟମରେ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି ଯେ ଅହମଦାବାଦରେ ଭାରତୀୟ ଦଳର ଚମତ୍କାର ବିଜୟ। ସମଗ୍ର ପ୍ରତିଯୋଗିତାରେ ଆମ ଦ୍ୱାରା ଖେଳାଯାଇଥିବା ବିସ୍ଫୋରକ କ୍ରିକେଟ୍‌ର କୌଣସି ତୁଳନା ନ ଥିଲା। ଆମ ପିଲାମାନେ କଠିନ ସମୟରେ ଲଢେଇ କରି ପୁଣି ଥରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଏହି ସଫଳତା ପାଇଁ ସମସ୍ତ ଖେଳାଳି ଓ ଦଳ ପରିଚାଳନାର ସଦସ୍ୟମାନଙ୍କୁ ଅଭିନନ୍ଦନ।




# ମୟଙ୍କ ୯୪ତମ ଭାରତୀୟ ଚେସ୍‌ର ଗ୍ରାଣ୍ଡମାଷ୍ଟର

**ଗୁଆହାଟୀ(ଏଜେନ୍ସି) :** ଆସାମର ୧୭ବର୍ଷୀୟ ଚେସ୍ ତାରକା ମୟଙ୍କ ଚକ୍ରବର୍ତ୍ତୀ ଦେଶର ୯୪ତମ ଗ୍ରାଣ୍ଡମାଷ୍ଟର୍ ହେବାର ଗୌରବ ଅର୍ଜନ କରିଛନ୍ତି। ଆସାମର ଗୁଆହାଟୀ ବାସିନ୍ଦା ମୟଙ୍କ ୨୦୨୪ ମସିହାରେ ଅନ୍ତର୍ଜାତୀୟ ମାଷ୍ଟର୍ ହୋଇଥିଲେ। ଏହାର ଦୁଇ ବର୍ଷ ପରେ ନିଜ ଜୀବନର



ସବୁଠୁ ବଡ଼ ସଫଳତା ହାସଲ କରିଛନ୍ତି ସେ। ସ୍ୱିଡେନ୍ର ଷ୍ଟକ୍‌ହୋମଠାରେ ଆୟୋଜିତ ଫାଷ୍ଟ ହୋଟେଲ୍ସ ଚେସ୍ ଟ୍ୟାଲେଣ୍ଟ୍ସ ପ୍ରତିଯୋଗିତାର ଅଷ୍ଟମ ରାଉଣ୍ଡରେ ସ୍ୱିଡେନ୍ର ଆଇଏମ୍ ଫିଲିପ ଲିଣ୍ଡଗ୍ରିନଙ୍କୁ ହରାଇ ତୃତୀୟ ତଥା ଶେଷ ଗ୍ରାଣ୍ଡମାଷ୍ଟର୍ ନର୍ମ ହାସଲ କରି ନେଇଥିଲେ। ସେ ମଧ୍ୟ ଏହି ଅବସରରେ ଅବଶ୍ୟକ ୨୫୦୦ ଏଲୋ ରେଟିଂ ପଏଣ୍ଟ ଅତିକ୍ରମ କରିଥିଲେ। ଫଳରେ ଫିଡେ ନିୟମ ଅନୁସାରେ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ହାସଲ କରିବାକୁ ହକ୍‌ଦାର ହୋଇଥିଲେ। ମୟଙ୍କ ଏଠାରେ ମୋଟ ୯ ପଏଣ୍ଟରୁ ୭ ପଏଣ୍ଟ ଅର୍ଜନ କରିପ୍ରତିଯୋଗିତାରେ ବିଜେତା ଆଖ୍ୟା ଅର୍ଜନ କରିଥିଲେ। ଏହା ପୂର୍ବରୁ ସେ ୧୧ବର୍ଷରୁ କମ୍ ବର୍ଗରେ ଭାରତ ଓ ଏସିଆ ମହାଦେଶର ଏକନମ୍ବର ଖେଳାଳି ଥିଲେ। ୨୦୨୧ ମସିହାରୁ ୟୁରୋପ ମହାଦେଶର ବିଭିନ୍ନ ପ୍ରତିଯୋଗିତା ଖେଳିବା ଆରମ୍ଭ କରିଥିଲେ। ସେ ମଧ୍ୟ ଏକଦା ବିଶ୍ୱର ଷଷ୍ଠ ଶ୍ରେଷ୍ଠ ଚେସ୍ ତାରକା ଥିଲେ।

# ଇଟାଲୀକୁ ୧-୦ରେ ହରାଇ ଫାଇନାଲ୍‌ରେ ଭାରତ

**ହାଇଦ୍ରାବାଦ (ଏଜେନ୍ସି):** ଚଳିତ ଏଫ୍‌ଆଇଏଚ୍ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ସେମି ଫାଇନାଲ୍‌ରେ ଭାରତ ୧-୦ ଗୋଲ୍‌ରେ ଇଟାଲୀକୁ ଏବଂ ଇଂଲଣ୍ଡ ୨-୦ ଗୋଲ୍‌ରେ ସ୍କଟଲାଣ୍ଡ୍‌କୁ ପରାସ୍ତ କରିଥିଲା। ପୂର୍ବରୁ ଭାରତ ସେମି ଫାଇନାଲ୍‌ରେ ପ୍ରବେଶ କରିବା ସହ ଆଗାମୀ ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରି ସାରିଥିଲା। ମାତ୍ର ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା ରହିଥିଲା। ଏଫ୍‌ଆଇଏଚ୍ ନିୟମ ଅନୁଯାୟୀ, ହାଇଦ୍ରାବାଦ ଓ ସାଣ୍ଟିଆଗୋ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ମୋଟ ୭ଟି ଦଳ ବିଶ୍ୱକପ୍ ଟିକେଟ୍ ହାସଲ କରିବେ। ଉଭୟ ପର୍ଯ୍ୟାୟର ପ୍ରଥମ ୩ଟି ସ୍ଥାନରେ ଥିବା ଦଳ ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀ ଚତୁର୍ଥ ସ୍ଥାନ ଦଳକୁ ଟିକେଟ୍ ପ୍ରଦାନ




କରାଯିବ। ପୂର୍ବରୁ ସାଣ୍ଟିଆଗୋରେ ଚିଲି, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ହାଇଦ୍ରାବାଦରେ ଭାରତ ଓ ଇଂଲଣ୍ଡ ଯୋଗ୍ୟତା ହାସଲ କରିଛନ୍ତି। ଶୁକ୍ରବାର ଭାରତ-ଇଟାଲୀ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା। ମନୀଷା ଚୌହାନଙ୍କ ଏକମାତ୍ର ଗୋଲ୍ ବଳରେ ଦଳ ଫାଇନାଲ୍‌ରେ ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟର ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଭାରତ ଆକ୍ରମଣକୁ ତୀବ୍ରତର କରିଥିଲା। ଏହି ଭାଗରେ ଦଳ ୩ଟି ପେନାଲ୍‌ଟି ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ସମସ୍ତ ପ୍ରୟାସ ବିଫଳ ଯାଇଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତୀୟ ଖେଳାଳି ଜୋରଦାର ଆକ୍ରମଣ କରିଥିଲେ। ଶେଷରେ ୪୦ମିନିଟ୍‌ରେ ଦଳ ଗୋଲ୍ ଖାତା ଖୋଲିଥିଲା। ମନୀଷା ପେନାଲ୍‌ଟି ସୁଯୋଗକୁ ଗୋଲ୍ ରୂପ ଦେବାରେ ଆଦୌ ଅବହେଳା କରିନଥିଲେ। ଭାରତ ୧-୦ରେ ଆଗେଇ ଥିଲା। ଏହି ଭାଗରେ ଶେଷ ଆଡ଼କୁ ଦଳ ଆଉ ୨ଟି ପେନାଲ୍‌ଟି ସୁଯୋଗର ହାତଛଡ଼ା କରିଥିଲା। ଚତୁର୍ଥ କ୍ୱାର୍ଟରରେ ଭାରତ ଆଉ ୨ଟି ପେନାଲ୍‌ଟି ସୁଯୋଗ ପାଇଥିଲା ଏବଂ ତାହା ବିଫଳ ଯାଇଥିଲା। ୫୯ମିନିଟରେ ଇଟାଲୀକୁ ଏକ ପେନାଲ୍‌ଟି ମିଳିଥିଲା।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ